୬ ▶ ବାରବାଟୀରେ ଫ୍ଲଡ୍ ଲାଇଟ୍ ସମସ୍ୟା ପାଇଁ ବିରକ୍ତି ପ୍ରକାଶ କଲେ ରୋହିତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୧୫ ● ୧୦ ଫେବୃଆରୀ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-15 ● 10th February 2025, Monday ● Bhubaneswar | Licensed to post without pre-payment of postage No- BN-60/25-27


# ଇଂଲଣ୍ଡ ବିପକ୍ଷରେ ଜିତିଲା ଭାରତ

**କଟକ, ୯।୨ : ନ୍ୟୁଜ୍ ବ୍ୟୁରୋ**

ଭାରତ ଓ ଇଂଲଣ୍ଡ ମଧ୍ୟରେ ରବିବାର ଐତିହାସିକ ବାରବାଟୀ ଷ୍ଟାଡିୟମରେ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ୨ୟ ମ୍ୟାଚ ଖେଳାଯାଇଛି । ଏହି ମ୍ୟାଚ୍‌ରେ ଘରୋଇ ଦଳ ୪ ୱିକେଟ୍‌ରେ ବିଜୟୀ ହୋଇଛି। ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ବାରବାଟୀ ଦିନିକିଆ ଜିତିବା ସହିତ ଶୃଙ୍ଖଳାକୁ ଅକ୍ତିଆର କରିଛି। ଭାରତ ଏହି ୩ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ୨–୦ରେ ଅଗ୍ରଣୀ ରହିଛି। ଭାରତ ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡକୁ ନାଗପୁରରେ ୪ ୱିକେଟ୍‌ରେ ପରାସ୍ତ କରିଥିଲା। ଚଳିତ ଶୃଙ୍ଖଳାର ଅନ୍ତିମ ମ୍ୟାଚ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଆସନ୍ତା ୧୨ ତାରିଖରେ ଖେଳାଯିବ ।



ବାରବାଟୀରେ ଭାରତକୁ ୩୦୫ ରନ୍‌ର ବିଜୟ ଲକ୍ଷ୍ୟ ମିଳିଥିଲା। ରୋହିତଙ୍କ ଟିମ୍ ୪୨.୩ ଓଭରରେ ୬ ୱିକେଟ ହରାଇ ୩୦୮ ରନ କରିଛି । ଟସ୍ ଜିଣି ଅତିଥି ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଫଳରେ ଭାରତ ବୋଲିଂ କରିଥଲା। ଇଂଲଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ସମସ୍ତ ୱିକେଟ ହରାଇ ୩୦୪ ରନ କରିଥିଲା ।

ଭାରତର ଇନିଂସ ଆରମ୍ଭ କରିଥିଲେ ଅଧିନାୟକ ରୋହିତ *(ପୃଷ୍ଠା ୭ରେ)*

# ୩୧ ମାଓବାଦୀ ନିହତ: ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ

**ବିଜାପୁର, ୯।୨**
**ନ୍ୟୁଜ୍ ବ୍ୟୁରୋ**

ଛତିଶଗଡ଼ର ବିଜାପୁର-ନାରାୟଣପୁର ସୀମାରେ ସୁରକ୍ଷା ବାହିନୀ ଏବଂ ମାଓବାଦୀ ମୁହାଁମୁହିଁ ହୋଇଛନ୍ତି । ଜାତୀୟ ଉଦ୍ୟାନ ଅଞ୍ଚଳର ଜଙ୍ଗଲରେ ଚାଲିଥିବା ସୁରକ୍ଷାକର୍ମୀଙ୍କ ସର୍ଚ୍ଚ ଅପରେସନ ସମୟରେ ଏନକାଉଣ୍ଟରରେ ୩୧ ମାଓବାଦୀ ନିହତ ହୋଇଛନ୍ତି । ମାଓବାଦୀଙ୍କ ଗୁଳିରେ ଦୁଇ ଜଣ ଯବାନ ସହିଦ ହୋଇଛନ୍ତି। ସେହିପରି ଅନ୍ୟ ୨ ଜଣ ଯବାନ ମଧ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ହେଲିକପ୍ଟର ଯୋଗେ ରାୟପୁରକୁ ପଠାଯାଇଛି।



ରବିବାର ସକାଳ ଠାରୁ ଡିଆରଜି, ଏସଟିଏଫ ଏବଂ ବସ୍ତର ଫାଇଟର ଯବାନଙ୍କ ମିଳିତ ଦଳ ତଥା ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଛି। ପୁଲିସ ଅଧିକାରୀମାନେ କହିଛନ୍ତି ଯେ, ନିହତ ମାଓବାଦୀଙ୍କ ସଂଖ୍ୟା ବୃଦ୍ଧି ପାଇପାରେ। ପୁଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲାର ଜାତୀୟ ଉଦ୍ୟାନ ଅଞ୍ଚଳର ଜଙ୍ଗଲରେ *(ପୃଷ୍ଠା ୭ରେ)*

## ଜନ୍ମମାଟିରେ ବଡ଼ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

# ରାଜ୍ୟର ୧ ନମ୍ବର ମେଡିକାଲ କଲେଜ ହେବ

**କେନ୍ଦୁଝର, ୯।୨**
**ନ୍ୟୁଜ୍ ବ୍ୟୁରୋ**

ରବିବାର ଦିନିକିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପହଞ୍ଚିଥିଲେ। ଶନିବାର ଯାଜପୁରରୁ ସଡ଼କ ପଥରେ ଆସି କେନ୍ଦୁଝରରେ ରହଣି କରିଥିଲେ। ମୁଖ୍ୟମନ୍ତ୍ରୀ ରବିବାର ପୂର୍ବାହ୍ନ ୧୧ଟାରେ ଧରଣୀଧର ମେଡିକାଲ କଲେଜରେ ପହଞ୍ଚି ପ୍ରଥମେ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଅଡିଟୋରିୟମରେ ଇଣ୍ଡିଆନ ମେଡିକାଲ ଆସୋସିଏସନର ଦୁଇ ଦିନିଆ ୭୪ ତମ ରାଜ୍ୟ ବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ *(ପୃଷ୍ଠା ୭ରେ)*



## ଆଜି ମହାକୁମ୍ଭ ଯାଇ ବୁଡ଼ ପକାଇବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



**ନୂଆଦିଲ୍ଲୀ, ୯।୨**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ପ୍ରୟାଗରାଜ ଗସ୍ତରେ ଯାଇ ମହାକୁମ୍ଭରେ ସ୍ନାନ କରିବେ। ରବିବାର ପ୍ରକାଶିତ ଏକ ସରକାରୀ ବିବୃତିରେ ଏହି ସୂଚନା ଦିଆଯାଇଛି । ବିବୃତି ଅନୁଯାୟୀ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରୟାଗରାଜରେ ୮ ଘଣ୍ଟାରୁ ଅଧିକ ସମୟ ରହିବେ। ଏହି ସମୟରେ ସେ ସଙ୍ଗମ ସ୍ନାନ ସହିତ ଅକ୍ଷୟବଟ ଏବଂ ବଡେ ହନୁମାନ ମନ୍ଦିରକୁ ଯାଇ ପୂଜା ଅର୍ଚ୍ଚନା କରିବେ। ସନାତନ ସଂସ୍କୃତିରେ ଅକ୍ଷୟବଟକୁ ଅମରତ୍ୱର ପ୍ରତୀକ ବୋଲି ବିବେଚନା କରାଯାଏ। ହିନ୍ଦୁ ଧର୍ମରେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି, ଏହାର ମହତ୍ତ୍ୱ ପୁରାଣରେ ମଧ୍ୟ ବର୍ଣ୍ଣନା କରାଯାଇଛି ।

ଏହି ସମୟରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଉପସ୍ଥିତ ରହିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପ୍ରୟାଗରାଜରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବିବୃତିରେ ଉଲ୍ଲେଖ କରାଯାଇଛି ଯେ ରାଷ୍ଟ୍ରପତି ସକାଳେ *(ପୃଷ୍ଠା ୭ରେ)*






# ପ୍ରଧାନମନ୍ତ୍ରୀ ଆମେରିକାରୁ ଫେରିବା ପରେ ଶପଥ ନେବେ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ, ୯।୨**

ଦିଲ୍ଲୀରେ କାହାକୁ ମୁଖ୍ୟମନ୍ତ୍ରୀ କରିବ ବିଜେପି ? ଏବେ ସମସ୍ତେ ଏହାକୁ ଅପେକ୍ଷା କରିଛନ୍ତି। କାରଣ ନିର୍ବାଚନ ପୂର୍ବରୁ ଦଳ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାଁ ଘୋଷଣା କରି ନଥିଲା। କିଏ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହେବେ, ତାହା ଏପର୍ଯ୍ୟନ୍ତ ଜଣାପଡିନଥିଲେ ହେଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରୁ ଫେରିବା ପରେ ଶପଥ ଗ୍ରହଣ ଉତ୍ସବ ହେବ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ପ୍ରଧାନମନ୍ତ୍ରୀ ଆସନ୍ତା ୧୨ ଓ ୧୩ରେ ଆମେରିକା ଗସ୍ତରେ ରହିବେ।

ଶପଥ ଗ୍ରହଣ ଉତ୍ସବକୁ ବିଜେପି ବଡ଼ ଆକାରରେ ଆୟୋଜନ କରିବ ବୋଲି ଜଣାପଡ଼ିଛି । କାରଣ ୨୭ ବର୍ଷ ବ୍ୟବଧାନରେ ଦଳ ଦିଲ୍ଲୀରେ ପୁଣି ସରକାର ଗଠନ କରିବାକୁ ଯାଉଛି। ଏହି ଶପଥ ଗ୍ରହଣ ଉତ୍ସବରେ ଏନଡିଏ ଶାସିତ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗ ଦେବେ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି ।

ଦିଲ୍ଲୀରେ ସରକାର ଗଠନ ନେଇ ରବିବାର କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ଭେଟି ଆଲୋଚନା କରିଛନ୍ତି। *(ପୃଷ୍ଠା ୭ରେ)*

# ଇସ୍ତଫା ଦେଲେ ମଣିପୁର ମୁଖ୍ୟମନ୍ତ୍ରୀ ବିରେନ ସିଂହ : ହାଇ ଆଲର୍ଟରେ ସୁରକ୍ଷା ଏଜେନ୍ସି



**ନୂଆଦିଲ୍ଲୀ, ୯।୨**

ମଣିପୁରରେ ରାଜନୈତିକ ଅସ୍ଥିରତା ବୃଦ୍ଧି ପାଇଛି, ରାଜ୍ୟ ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ବୀରେନ ସିଂହ ଭାଜପା ସାଂସଦ ସମ୍ବିତ ପାତ୍ର, ମଣିପୁର ସରକାରଙ୍କ ମନ୍ତ୍ରୀ ଏବଂ ବିଧାୟକମାନଙ୍କ ସହିତ ରାଜ୍ୟପାଳଙ୍କୁ ଭେଟିବା ପାଇଁ ରାଜଭବନରେ ପହଞ୍ଚିଥିଲେ। ଏହି ନିଷ୍ପତ୍ତି ପୂର୍ବରୁ ବୀରେନ ସିଂହ ରବିବାର ଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ମଧ୍ୟ ଭେଟିଥିଲେ। ଏହି ସମୟରେ ଗୃହ ମନ୍ତ୍ରଣାଳୟ ସମସ୍ତ ସୁରକ୍ଷା ଏଜେନ୍ସିକୁ ହାଇ ଆଲର୍ଟ ରହିବାକୁ କହିଛି।

ବହୁତ ଦିନ ଧରି ଭାଜପା ବିଧାୟକମାନଙ୍କ ମଧ୍ୟରେ ବୀରେନ ସିଂହଙ୍କ *(ପୃଷ୍ଠା ୭ରେ)*

# ଚେତାଇଲେ ମନ୍ତ୍ରୀ: ୧୫ ପରେ ଆଉ ବଢ଼ିବନି ଇ-କେୱାଇସି ଅବଧି

**ଭୁବନେଶ୍ୱର, ୯।୨ : ନ୍ୟୁଜ୍ ବ୍ୟୁରୋ**

ରାସନ କାର୍ଡ଼କୁ ନେଇ ରବିବାର ଏକ ବଡ଼ ଖବର ଆସିଛି । ଫେବୃଆରୀ ୧୫ରେ ସରିବ ରାସନ କାର୍ଡ ଇ-କେୱାଇସି ଅବଧି। ଏହାପରେ ଆଉ ବଢ଼ିବନି ଇ-କେୱାଇସି ଅବଧି । ଫେବୃଆରୀ ୧୫ସୁଦ୍ଧା ଯେଉଁମାନେ ରାସନ କାର୍ଡର ଇକେୱାଇସି ନ କରିବେ, ସେମାନଙ୍କ ନାଁ କଟାଯିବ। ଏନେଇ ସୂଚନା ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।



ମନ୍ତ୍ରୀ କହିଛନ୍ତି, ବର୍ତ୍ତମାନସୁଦ୍ଧା ୩୭ ଲକ୍ଷ ୮୫ ହଜାର ୪୯୬ ଜଣ ଇ-କେୱାଇସି କରି ନାହାନ୍ତି। ଅବଧି ସରିବା ପୂର୍ବରୁ ନ କଲେ କାର୍ଡ଼ ସରେଣ୍ଡର ବୋଲି ଧରି ନିଆଯିବ ବୋଲି କହିଛନ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଅଧିକ ରୋଜଗାରିଆଙ୍କୁ ରାସନ କାର୍ଡ ଫେରାଇ ଦେବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ମୋଟ ୮ ଲକ୍ଷ ଆୟକରଦାତା ରାସନ କାର୍ଡ ହାତେଇଛନ୍ତି। ସେଥିରୁ ୧୨ ହଜାର ଚାକିରିଆ ଓ ବଡ଼ବଡ଼ିଆ କାର୍ଡ ଫେରାଇଲେଣି ଓ ଆଗକୁ ଆହୁରି *(ପୃଷ୍ଠା ୭ରେ)*

# ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ ୫୦ ହଜାର କୋଟି ଟଙ୍କା




**କେନ୍ଦୁଝର, ୯।୨ : ନ୍ୟୁଜ୍ ବ୍ୟୁରୋ**

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପଛୁଆ ଓଡ଼ିଶାର ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। ଡାକ୍ତରମାନେ ହେଉଛନ୍ତି ଭଗବାନ, ସେମାନେ ନିରନ୍ତର ଭାବେ ସେବା ଯୋଗାଇ ଦେଉଥିବାରୁ ସାଧାରଣ ଲୋକେ ସୁସ୍ଥ ହୋଇ ଏକ ବିକଶିତ ରାଷ୍ଟ୍ରର ପରିକଳ୍ପନା କରିପାରୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

ଇଣ୍ଡିଆନ ମେଡିକାଲ ଆସୋସିଏସନ,ଓଡ଼ିଶା ଶାଖାର ୭୪ତମ ବାର୍ଷିକ ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇ ନିଜ ବକ୍ତବ୍ୟରେ ରାଜ୍ୟରେ ସ୍ୱାସ୍ଥ୍ୟ ବଜେଟ୍‌ରେ ଏକ ବଡ଼ ଭାଗ ରଖିଥିବାବେଳେ ସଚେତନତାର ଅଭାବ ଯୋଗୁ ଆମେ ଅନେକ ପ୍ରକାରର ରୋଗର ଶିକାର ହେଉଛେ ବୋଲି ସେ ପ୍ରକାଶ କରି ରାଜ୍ୟରେ ବିଭିନ୍ନ ପ୍ରକାରର ବିକାଶ ହେଲେ ମଧ୍ୟ ସ୍ୱାସ୍ଥ୍ୟ ସେବାର ବିକାଶ ନ ହେଲେ ଉତ୍କର୍ଷ ଓଡ଼ିଶା ପରିକଳ୍ପନା ସମ୍ଭବ ହୋଇପାରିବ ନାହିଁ ।

ରାଜ୍ୟ ବଜେଟ୍‌ରେ ସ୍ୱାସ୍ଥ୍ୟକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି । ବିଶ୍ୱର ବୃହତ୍ତମ ଜନଆରୋଗ୍ୟ ଯୋଜନା ଯେଉଁଥିରେ *(ପୃଷ୍ଠା ୭ରେ)*



# ଦଳାଚକଟା ମାମଲାକୁ ଦୁର୍ଭାଗ୍ୟଜନକ କହି ଆବେଦନକୁ ଖାରଜ କଲେ ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ:**
ସୁପ୍ରିମକୋର୍ଟ ମହାକୁମ୍ଭ ଦଳାଚକଟା ଘଟଣାକୁ ଏକ 'ଦୁର୍ଭାଗ୍ୟଜନକ' ଘଟଣା ବୋଲି କହିଛନ୍ତି। ଜାନୁଆରୀ ୨୯ ତାରିଖରେ ପ୍ରୟାଗରାଜ ମହାକୁମ୍ଭରେ ଦଳାଚକଟାରେ ୩୦ ଜଣଙ୍କ ଜୀବନ ଯିବା ପରେ ଉତ୍ତର ପ୍ରଦେଶର ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପ୍ରିମ୍‌କୋର୍ଟରେ ଏକ ଆବେଦନ ହୋଇଥିଲା। ମାତ୍ର ସର୍ବୋଚ୍ଚ ଅଦାଲତ ଏବେ ସେ ଆବେଦନକୁ ଖାରଜ କରି ଦେଇଛନ୍ତି। କୋର୍ଟ ଆବେଦନକାରୀ ଆଡଭୋକେଟ୍ ବିଶାଳ ତିୱାରୀଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ଯିବାକୁ କହିଛନ୍ତି। କୋର୍ଟ ତାଙ୍କର ଶୁଣାଣି କରି କହିଛନ୍ତି, 'ଏହା ଏକ ଦୁର୍ଭାଗ୍ୟଜନକ ଘଟଣା ଏବଂ



ଚିନ୍ତାର ବିଷୟ, କିନ୍ତୁ ହାଇକୋର୍ଟକୁ ଯାଆନ୍ତୁ। ଏନେଇ ଏକ ନ୍ୟାୟିକ କମିସନ ଗଠନ କରାଯାଇସାରିଛି,'। ଉଲ୍ଲେଖଯୋଗ୍ୟ, ମୌନୀ ଅମାବାସ୍ୟା ଦିନ ପ୍ରୟାଗରାଜ୍‌ରେ ବଡ଼ ଧରଣର ଦଳାଚକଟା ଘଟିଥିଲା। କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା, ଏହାର ଯାଞ୍ଚ କରିବ ଟିମ । ତେବେ ଏକମାସ ଭିତରେ ରିପୋର୍ଟ ପ୍ରଦାନ କରିବେ ଟିମ । ଅନ୍ୟପଟେ ମହାକୁମ୍ଭ ମେଳାରେ ପୁଣି ଥରେ ଯେପରି କୌଣସି ଅଘଟଣ ନଘଟେ ଏନେଇ ସତର୍କ ହୋଇଛନ୍ତି ଉତ୍ତରପ୍ରଦେଶ ସରକାର । ଏପରିକି ଭିଆଇପି ପ୍ରୋଟୋକଲକୁ ହଟାଇବା ସହ ଯାନବାହାନ ଚଳାଚଳ ଉପରେ ମଧ୍ୟ ନିୟମକୁ ଅଧିକ ଶକ୍ତ କରାଯାଇଛି।

# ଖସିପଡ଼ିଲା ଶ୍ରୀଲିଙ୍ଗରାଜଙ୍କ ବିମାନ କଳସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଶ୍ରୀଲିଙ୍ଗରାଜଙ୍କ ବିମାନ କଳସ ପୁଣି ଭାଙ୍ଗି ଖସିପଡ଼ିଛି। ରୁକୁଣା ରଥ କାଠ ଚିରା ଅନୁକୂଳ ପାଇଁ ମହାପ୍ରଭୁ ଶ୍ରୀରାମନଗରସ୍ଥିତ ଶ୍ରୀପଞ୍ଚମି ପଡ଼ିଆ ଯାତ୍ରା ବେଳେ ଏହି ଅଘଟଣ ଘଟିଛି। ଦେବାଦେବୀ ସେବାୟତଙ୍କ ଗହଣରେ ଯାତ୍ରା କରିଥିଲେ। ଖରାଖିଆ ରାସ୍ତାରେ ଦୟା କେନାଲ ବ୍ରିଜ୍ ପୂର୍ବରୁ ରାସ୍ତାରେ ଏକ ବଉଳ ଗଛ ବାଜି କଳସ ତଳେ ପଡ଼ିଯାଇଥିଲା। ସେବାୟତମାନଙ୍କ କହିବା କଥା ଉକ୍ତ ରାସ୍ତାରେ ଏକ ଗାଡ଼ି ରହିଥିବା ବେଳେ ତାହା ସେଠାରୁ ହଟି ନଥିଲା। ଯେଉଁଥିପାଇଁ ଗାଡ଼ି କଡ଼ରେ ବମାନ ଯାଇଥିଲା। ସେଠାରେ ବଉଳ ଗଛ ବାଜି ବିମାନ କଳସ ତଳେ ପଡ଼ିଯାଇଥିଲା। ପୂର୍ବରୁ ୨୦୨୩ମସିହା ଫେବ୍ରୁଆରି ୧ ତାରିଖରେ ଭିମେଶ୍ୱର ଯାତ୍ରାରୁ ଫେରିବା ବେଳେ ଏକ ଗଛର ଡାଳ ବାଜି ଶ୍ରୀଲିଙ୍ଗରାଜଙ୍କ ବିମାନ କଳସ ଭାଙ୍ଗିଯାଇଥିଲା। କଳସ ଭାଙ୍ଗିବା ସହ ଏହା ଉପରେ ଲାଗିଥିବା ତ୍ରିଶୂଳ ଓ ପତାକା ଖସି ପଡ଼ିଥିଲା। ୨୦୨୧ମସିହାରେ ନୂତନ ବିମାନ ତିଆରି ହୋଇଥିଲେ ମଧ୍ୟ ବାରମ୍ବାର ଖସି ପଡୁଥିବାରୁ ସେବାୟତମନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେବାୟତଙ୍କ କହିବା ଅନୁଯାୟୀ ବମାନ ଯାତ୍ରା ବେଳେ ରାସ୍ତାରେ ପଡୁଥିବା ଗଛ ଡାଳଗୁଡ଼ିକୁ କାଟିବାକୁ ପ୍ରଶାସନ ତତ୍ପରତା ଦେଖାଉନାହିଁ। ଯେଉଁଥିପାଇଁ ଏଭଳି ଅଘଟଣ ବାରମ୍ବାର ଘଟୁଛି। ସୂଚନାଯୋଗ୍ୟ, ନୀତି ପୂଜା ପରେ ଏକ କୁରାଢ଼ୀରେ ସେବାୟତ ଆମ୍ବ ଗଛରେ ଛେଦନ କରି କାଠ ଚିରା ଆରମ୍ଭ କରିଥିଲେ।



ଗତ ବର୍ଷ ପରି ପାଟେରୀ କଡ଼କୁ ଲାଗି ହୋଇଥିବା ସିଂହାସନରେ ଠାକୁର ପୂଜା ପାଇଥିଲେ। ସେହି ଜମିକୁ ପୂଜା ପାଇଁ ଠାକୁର ଯିବା ବେଳେ ଉତ୍ତେଜନା ଆଶଙ୍କାରେ ସେଠାରେ ପୁଲିସ ମୁତୟନ କରାଯାଇଥିଲା।

# ଖଣ୍ଡଗିରି କୁମ୍ଭମେଳାରେ ଅଶ୍ଳୀଳ ନୃତ୍ୟକୁ ବିରୋଧ କରି ଠେଙ୍ଗା ପୂଜା କଲେ ବିଧାୟକ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ମା' ବାରଭୂଜାଙ୍କ ପାଖରେ ହେଲା ଠେଙ୍ଗା ପୂଜା । ଏକାମ୍ର ବିଧାୟକ ବାବୁ ସିଂ ଓ ତାଙ୍କ ସହଯୋଗୀମାନେ ଶହେ ଠେଙ୍ଗା ପୂଜା କରିଛନ୍ତି । ଚଳିତ ବର୍ଷ ଖଣ୍ଡଗିରି କୁମ୍ଭ ମେଳାରେ ଅନୁଷ୍ଠିତ ହେବାକୁ ଯାଉଥିବା ଯାତ୍ରାରେ ଅଶ୍ଳୀଳ ନୃତ୍ୟ ଓ କମେଡି କଲେ ଠେଙ୍ଗା ବୁଲିବ ବୋଲି ବିଧାୟକ ଶ୍ରୀ ସିଂ କହିଛନ୍ତି । ଯେଉଁମାନେ ସଂସ୍କୃତି ବିରୋଧୀ ସେମାନେ ରାଷ୍ଟ୍ର ବିରୋଧୀ। ତେଣୁ ଅଶ୍ଳୀଳ ନୃତ୍ୟ ଓ କମେଡି ପ୍ରଦର୍ଶନ କଲେ ସେହି ଯାତ୍ରା ପାର୍ଟିକୁ ଖଣ୍ଡଗିରି ଯାତ୍ରାରୁ ବ୍ୟାନ୍ କରାଯିବ ବୋଲି ବିଧାୟକ ଚେତାଇ ଦେଇଛନ୍ତି। କେବଳ ଖଣ୍ଡଗିରିରେ ନୁହେଁ, ସାରା ରାଜ୍ୟରେ ଅଶ୍ଳୀଳ ନୃତ୍ୟ ଓ କମେଡି ପ୍ରଦର୍ଶନ କଲେ ସେଠାରେ ବିରୋଧ କରିବ ଠେଙ୍ଗା । ଓଡ଼ିଆ ଅସ୍ମିତା, ଓଡ଼ିଆ ମାନ ମର୍ଯ୍ୟାଦାକୁ ରକ୍ଷା କରିବା ପାଇଁ ଠେଙ୍ଗା ରଖାଯାଇଛି ବୋଲି କହିଛନ୍ତି ଏକାମ୍ର ବିଧାୟକ ବାବୁ ସିଂ। ସୋମବାର ସକାଳେ ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳ ନୃତ୍ୟ ବନ୍ଦ୍ ନେଇ ନିର୍ଦ୍ଦେଶ ଦେଇଛନ୍ତି ବିଏମ୍‌ସି କମିଶନର । ସେ କହିଛନ୍ତି ଐତିହାସିକ ପରମ୍ପରା ମର୍ଯ୍ୟାଦା ଭିତରେ ଯାତ୍ରା ପରିବେଶ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସବୁ ଯାତ୍ରା କମିଟି ଅବଗତ ରହିଛନ୍ତି । କିଛିଦିନ ତଳେ କୁହାଯାଇଥିଲା କି, ଖଣ୍ଡଗିରି ଯାତ୍ରାରେ ହୋଇପାରିବନି ଅଶ୍ଳୀଳ ନୃତ୍ୟ । ବାହାର ଆଇଟମ୍ ଡ୍ୟାନସରଙ୍କୁ ଖଣ୍ଡଗିରି ମନା । ଯାତ୍ରା କମିଟି ଏହି ନିଷ୍ପତ୍ତି ନେଇଛି । ଖଣ୍ଡଗିରି ଥାନାରେ ପୋଲିସ ସହିତ ବୈଠକ ପରେ ଏଭଳି ନିଷ୍ପତ୍ତି ହୋଇଛି । ବାହାର ଆଇଟମ୍ ଡ୍ୟାନ୍ସରଙ୍କୁ ଆଣିବାକୁ ଥାନା ପକ୍ଷରୁ ଯାତ୍ରା କମିଟିକୁ ମଧ୍ୟ ସିଧା ମନା କରାଯାଇଛି ।

## ମାଓ ଯୋଜନା ପଣ୍ଡ, ରାସ୍ତାରେ ଖଞ୍ଜା ହୋଇଥିବା ଲ୍ୟାଣ୍ଡମାଇନ୍ ନିଷ୍କ୍ରିୟ କଲା ସୁରକ୍ଷାବାହିନୀ

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**
ଛତିଶଗଡ଼ ବିଜାପୁର ଜିଲ୍ଲାରେ ମାଓ ଯୋଜନା ପଣ୍ଡ ହୋଇଛି। ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ୍ କରି ରାସ୍ତାରେ ଖଞ୍ଜା ଯାଇଥିବା ଲ୍ୟାଣ୍ଡମାଇନ୍ ନିଷ୍କ୍ରିୟ କଲେ ଯବାନ। ଲ୍ୟାଣ୍ଡମାଇନ୍ ଡିଟେକ୍ଟରରେ ଠାବ ହେବା ପରେ ପ୍ରାୟ ୨୫ କିଲୋଗ୍ରାମ ଓଜନର ଆଇଇଡିକୁ ନିଷ୍କ୍ରିୟ କରାଯାଇଥିବା ସୂଚନା ମିଳିଛି। ସୂଚନାନୁଯାୟୀ, ଉସୁର ଥାନା ଅନ୍ତର୍ଗତ ଆବାପାଲି ଜଙ୍ଗଲ ରାସ୍ତାରେ ଡିଆରଜି ଓ ସିଆରପିଏଫ ବାହିନୀର ଯବାନମାନେ ମିଳିତ ଭାବେ କମ୍ବିଂ ଅପରେସନ ପାଇଁ ଯାଇଥିଲେ। ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ୍ କରି ମାଓବାଦୀମାନେ ଉସୁର ଠାରୁ ୩ କିଲୋମିଟର ଦୂରରେ ଥିବା ଧାନ ମଣ୍ଡି ନିକଟସ୍ଥ ମୁଖ୍ୟ ରାସ୍ତା ମଝିରେ ଏକ ପ୍ଲାଷ୍ଟିକ୍ ଡ୍ରମରେ ୨୫ କିଲୋଗ୍ରାମର ଏକ ଆଇଇଡି ଲଗାଇଥିଲେ।

# ଏଲଏସିକୁ ରାସ୍ତା ତିଆରିଲା ଭାରତ : ଚିନ୍ତାରେ ଚୀନ



**ନୂଆଦିଲ୍ଲୀ:**
ଭାରତ-ଚୀନ ସମ୍ପର୍କ ସେମିତି ତାହା ପୁରା ବିଶ୍ୱ ଜାଣିଛି । ବର୍ଷବର୍ଷ ଧରି ସୀମାକୁ ନେଇ ଦୁଇ ଦେଶ ମଧ୍ୟରେ ତିକ୍ତତା ଲାଗିରହିଛି । ଅବଶ୍ୟ କୂଟନୈତିକ ଆଲୋଚନା ପରେ ଉଭୟ ଦେଶ ମଧ୍ୟରେ ସମ୍ପର୍କରେ ସୁଧାର ଆସିଛି । ହେଲେ ଚୀନକୁ କୌଣସି ଦେଶ ବିଶ୍ୱାସ କରିପାରୁନାହାନ୍ତି। କଥା ହେଲା, ଭାରତ ସୀମାର ହଜାର ହଜାର କିଲୋମିଟର ଚୀନ ସହ ଯୋଡି ହୋଇ ରହିଛି। ତେଣୁ ସୀମାକୁ ସୁରକ୍ଷା ଦେବା ଭାରତ ଲାଗି ଏକ ବଡ଼ ଚ୍ୟାଲେଞ୍ଜ। ଯେହେତୁ ଏଲଏସି ସମୁଦ୍ର ପତ୍ତନରୁ ବହୁ ଉଚ୍ଚରେ ରହିଛି, ତେଣୁ ସେଠାରେ ଭାରତୀୟ ଯବାନ ପ୍ରହାର ଦେବା ଆଦୌ ସହଜ ନୁହେଁ । ଖାଲି ଏତିକି ନୁହେଁ ବରଂ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ସଙ୍ଗେ ସଙ୍ଗେ ଏଲଏସିରେ ପହଞ୍ଚିବା ସହଜ ନୁହେଁ । ତେଣୁ ଏଲଏସିକୁ ଯେଉଁ ପରି ଭାବରେ ରାସ୍ତା ତିଆରି କଲା ଇଣ୍ଡିଆ ଏବଂ ଏହାର ଟେର ପାଇଲା ନାହିଁ ଚୀନ ତାହାକୁ ନେଇ ଏବେ ଜୋରଦାର ଚର୍ଚ୍ଚା। ଭାରତ ନିଜ ସୀମାରେ ରାସ୍ତା ନିର୍ମାଣ କରିବା ପରେ ଏବେ ଚୀନ ଓ ପାକିସ୍ତାନ ଚିନ୍ତାରେ ଅଛନ୍ତି । କାରଣ ବିଷମ ପରିସ୍ଥିତିର ମୁକାବିଲା କରିବା ଲାଗି ଭାରତ ନିଜ ସୀମାକୁ ସଶକ୍ତ କରିବାରେ ଲାଗିଛି । ଯାହାର ନେତୃତ୍ୱ ନେଉଛି ବିଆଇଆରଓ । ବିଗତ ୪ ବର୍ଷ ଭିତରେ ବିଆରଓ ୧୨ ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଂଚଳରେ ପାଖାପାଖି ୪୦୫ ଇନଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟ ନିର୍ମାଣ କରିବାରେ ସଫଳ ହୋଇଛି । ଯାହା ମଧ୍ୟରେ ବ୍ରିଜ୍, ଟନେଲ୍ ଓ ହେଲିପ୍ୟାଡ ସାମିଲ ଅଛି। ସୂଚନା ଅନୁସାରେ, ସୀମାରେ ନିର୍ମାଣ କରାଯାଉଥିବା ବ୍ରିଜ୍ ଗୁଡ଼ିକ ଏମିତି ତିଆରି କରାଯାଉଛି ଯେମିତିକି ୭୦ ଟନ୍ ଟ୍ୟାଙ୍କର ଏଥିରେ ଗଲେ ବି କୌଣସି କ୍ଷତି ହେବ ନାହିଁ ।

# ପାନୀୟ ଜଳ ସମସ୍ୟା ଘେରରେ ଏସୁମାଡ଼ି ସାହି ବାସିନ୍ଦା


**ଘୁ.ଉଦୟଗିରି: ନ୍ୟୁଜ ବ୍ୟୁରୋ**
ସରକାର ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ନିମନ୍ତେ ଅନେକ ଯୋଜନା କରି କାର୍ଯ୍ୟ କାରି କରି ଆସୁଥିବା ସତ୍ତ୍ୱେ ଆଜି ବି କନ୍ଧମାଳ ଜିଲ୍ଲାର ଏମିତି ଅନେକ ଗାଁ ଅଛି ଜନସାଧାରଣ ପାଣି ବୁନ୍ଦେ ପାଇଁ ଡହଳ ବିକଳ ହେଉଛନ୍ତି। ଏହାର ଜ୍ୱଳନ୍ତା ଉଦାହରଣ ଏସୁମାଡ଼ି ଗ୍ରାମରେ ଦେଖିବାକୁ ମିଳିଛି। କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ଅନ୍ତର୍ଗତ ଚାଞ୍ଚେଡ଼ି ପଞ୍ଚାୟତ ଅଧିନରେ ଥିବା ୧୧ନଂ ୱାର୍ଡ ଏସୁମାଡି ସାହିରେ ପ୍ରାୟ ୧୫ ପରିବାର ବସବାସ କରି ଆସୁଥିବାବେଳେ ସାହିରେ ଗୋଟିଏ ନଳକୂପ ଓ ଗୋଟିଏ କୂପ ରହିଛି। କିନ୍ତୁ କୂପରେ ବର୍ଷ ତମାମ ପାଣି ରହୁନଥିବା ଯୋଗୁଁ ସମସ୍ତ ସାହିବାସିନ୍ଦା ଗୋଟିଏ ନଳକୂପ ଉପରେ ନିର୍ଭର କରିଥାନ୍ତି, ଯାହା କି ସମୁଦ୍ରକୁ ଶଙ୍ଖେ ଭଳି। ଫଳରେ ଏସୁମାଡ଼ିସାହିରେ ପ୍ରାୟ ୧୫ ପରିବାର ପାଣି ବୁନ୍ଦେ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ବର୍ଷ ଧରି ସାହିରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟାକୁ ନେଇ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅବଗତ କରିଥିଲେ ସୁଧା କେହି କର୍ଣ୍ଣପାତ କରୁ ନଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ସାହିରେ ଏକ ନୂତନ ନଳକୂପ ଖନନ କରିବା ସହିତ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ପ୍ରଶାସନକୁ ସ୍ଥାନୀୟ ବାସିନ୍ଦା କମଳାକାନ୍ତ ପ୍ରଧାନ, ବାଲ୍ମୀକ ପ୍ରଧାନ, କଣ୍ଢେସ୍ୱର ପ୍ରଧାନ, ମୀନକେତନ ପ୍ରଧାନ, କୁନାଳ ପ୍ରଧାନ ଜିତୁ ପ୍ରଧାନ, ସନତ ପ୍ରଧାନ, ସାନ ପ୍ରଧାନ, ଜିନା ପ୍ରଧାନ, ବିରେଇ ଦିଗାଲ, ଅଜିତ ପ୍ରଧାନ, ଅମୀର ପ୍ରଧାନ, ଟିକନ ଦିଗାଲ, ନୀକାବତୀ ପ୍ରଧାନ, କାଜଲ ବଗର୍ତ୍ତୀ, ମମତା ପ୍ରଧାନ, ସୁଲେଖା ପ୍ରଧାନ, ହେମଲତା ପ୍ରଧାନ,



ମାଳତୀ ପ୍ରଧାନଙ୍କ ସମେତ ସାହି ବାସିନ୍ଦା ନିବେଦନ କରିଛନ୍ତି। ଯଦି ପ୍ରଶାସନ ସାହି ବାସିନ୍ଦାଙ୍କ ସମସ୍ୟା ଯଥାଶୀଘ୍ର ସମାଧାନ ନ କରନ୍ତି ତେବେ ଆଗାମୀ ଦିନରେ ଗରା, ମାଠିଆ ଧରି କ ନୂଆଗାଁ ବ୍ଲକ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

# ୨୦ ବର୍ଷରେ ଭାରତରେ ବାଘଙ୍କ ଦ୍ୱାରା ଦଖଲ ସ୍ଥାନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବିଗତ ୨୦ ବର୍ଷ ଭିତରେ ଭାରତରେ ବାଘମାନଙ୍କ ଦ୍ୱାରା ଦଖଲ ସ୍ଥାନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଅପରପକ୍ଷେ, ସେହି କାଳଖଣ୍ଡରେ ବାଘ ସଂଖ୍ୟା ହ୍ରାସ ପାଇଥିବା ଏକ ନୂତନ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି। ଭାରତରେ ସାଧାରଣତଃ ବାଘମାନଙ୍କ ସ୍ଥାନୀୟ ବିଲୁପ୍ତି ସହ ହାରିଦ୍ର୍ୟ, ସଶସ୍ତ୍ର ସଂଘର୍ଷ ଓ ଭୂ-ବ୍ୟବହାର ପରିବର୍ତ୍ତନର ସଂପର୍କ ରହିଥିବା ଏହି ଅନୁସନ୍ଧାନରୁ ଜଣାଯାଇଛି। 'ସାଇନ୍ସ' ପତ୍ରିକାରେ ପ୍ରକାଶିତ ଉକ୍ତ ଅଧ୍ୟୟନର ବିବରଣୀରୁ ଗତ ଦୁଇ ଦଶନ୍ଧି ଭିତରେ ଭାରତରେ ବାଘ ଦଖଲ ଅଞ୍ଚଳର ପରିମାଣ ପ୍ରାୟ ୩୦ ପ୍ରତିଶତ ବୃଦ୍ଧି ପାଇ ୧,୨୩,୨୦୦ ବର୍ଗକିଲୋମିଟର ହୋଇଥିବା ଜଣାଯାଇଛି। ବାଘମାନେ ନିରନ୍ତର ଭାବରେ ମଣିଷ-ମୁକ୍ତ ସ୍ଥାନ ଅଧିକାର କରିଛନ୍ତି, ବିଶେଷ କରି ୩୫,୨୫୫ ବର୍ଗକିମି ପରିବ୍ୟାପ୍ତ ଶିକାର-ସମୃଦ୍ଧ ସଂରକ୍ଷିତ ଅଞ୍ଚଳକୁ ସେମାନେ ପସନ୍ଦ କରିଛନ୍ତି। କିନ୍ତୁ ଏ ଭିତରେ ୬ କୋଟି ଲୋକଙ୍କ ନିରଟତର ବାସସ୍ଥାନକୁ ମଧ୍ୟ ସେମାନେ ଦଖଲ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୨ ବ୍ୟାଘ୍ରଗଣନା ଅନୁସାରେ ଭାରତ ପରି ଜନବହୁଳ ଦେଶରେ ମୋଟ୍ ୩,୬୦୦ ବାଘ ଥିବା ଜଣାପଡ଼ିଛି, ଯାହା ବିଶ୍ୱର ସମଗ୍ର ବାଘ ସଂଖ୍ୟାର ୭୫ ପ୍ରତିଶତ। ଗବେଷକମାନେ ୨୦୦୬ରୁ ୨୦୧୮ ଯାଏ ଦେଶର ମୋଟ୍ ୨୦ଟି ରାଜ୍ୟରେ ବ୍ୟାଘ୍ରର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ୧୨ ବର୍ଷ ଭିତରେ ବାଘମାନେ ଉପନିବେଶରେ ପରିଣତ କରିଥିବା ମୋଟ୍ ୪୧,୭୬୭ ବର୍ଗକି.ମି. ଅଞ୍ଚଳ ମଧ୍ୟରୁ ୨୦୦୨ରୁ ୨୦୧୦ ମଧ୍ୟରେ ପ୍ରାୟ ୩୫ ପ୍ରତିଶତ ନୂତନ ଅଞ୍ଚଳ ଉପନିବେଶରେ ପରିଣତ ହୋଇଥିଲା।



ସେହିପରି ୨୦୧୦ରୁ ୨୦୧୪ ଭିତରେ ୨୦ ପ୍ରତିଶତ ଓ ୨୦୧୪ରୁ ୨୦୧୮ ମଧ୍ୟରେ ୪୫ ପ୍ରତିଶତ ସ୍ଥାନ ବ୍ୟାଘ୍ର ଉପନିବେଶ ହୋଇଥିଲା। ଅପରପକ୍ଷେ, ଏହି ୧୨ ବର୍ଷ ଭିତରେ ୧୭,୯୯୨ ବର୍ଗକି.ମି. ପରିମିତ ଅଞ୍ଚଳରେ ବାଘମାନଙ୍କର ସ୍ଥାନୀୟ ବିଲୁପ୍ତି ପରିଲକ୍ଷିତ ହୋଇଥିଲା। ସେଥିମଧ୍ୟରୁ ୨୦୦୬ରୁ ୨୦୧୦ ଭିତରେ ସର୍ବାଧିକ ୬୪ ପ୍ରତିଶତ, ୨୦୦୬ରୁ ୨୦୧୦ ଭିତରେ ସର୍ବନିମ୍ନ ୧୭ ପ୍ରତିଶତ ଏବଂ ୨୦୧୪ରୁ ୨୦୧୮ ମଧ୍ୟରେ ୧୯ ପ୍ରତିଶତ ବ୍ୟାଘ୍ର ବିଲୋପନ ଦେଖାଦେଇଥିଲା। ଏହି ସ୍ଥାନୀୟ ବିଲୁପ୍ତି ପଛରେ ସଂରକ୍ଷିତ କ୍ଷେତ୍ରଗୁଡ଼ିକର ବିଚ୍ଛିନ୍ନତା, ବର୍ଦ୍ଧିତ ସହରୀକରଣ, ଭିତ୍ତିଭୂମି ବିକାଶ ଓ ନକ୍ସଲଙ୍କ ଦ୍ୱାରା ସଶସ୍ତ୍ର ସଂଘର୍ଷ ଆଦି କାରଣ ରହିଛି। ସେହିପରି ବାଘମାନେ ଏଡ଼ାଉଥିବା ବାସସ୍ଥାନଗୁଡ଼ିକ ମୁଖ୍ୟତଃ ଛତିଶଗଡ଼, ଓଡ଼ିଶା ଓ ଝାଡ଼ଖଣ୍ଡ ପରି ପୂର୍ବାଞ୍ଚଳ ରାଜ୍ୟରେ ଅବସ୍ଥିତ। ଏଥି ସହିତ ଗୁରୁ ଘାସିଦାସ, ପାଲାମାଉ, ଉଦନ୍ତୀ-ସୀତାନଦୀ, ଶିମିଳିପାଳ, ସାତକୋଶିଆ ଓ ଇନ୍ଦ୍ରାବତୀ ବ୍ୟାଘ୍ର ଅଭୟାରଣ୍ୟରେ ବାଘ ସଂଖ୍ୟା ଦେଶରେ ସବୁଠୁ ଦୁର୍ବଳ ବୋଲି ଜଣାପଡ଼ିଛି।

## ଚିନ୍ତା ଘାରିଲାଣି ବିରଳ ସ୍ନାୟୁ ରୋଗ ଜିବିଏସ୍ ସଂକ୍ରମଣ ମାମଲାରେ ପୁଣେରେ ପ୍ରଥମ ସନ୍ଦିଗ୍ଧ ମୃତ

**ପୁଣେ :**
ଏବେ ସାରା ଦେଶରେ ଚିନ୍ତା ଘାରିଲାଣି ଜିବିଏସ୍ । କରୋନା, ଏଚ୍‌ଏମ୍‌ପିଭି ପରେ ଏବେ ଆଉ ଏକ ବିରଳ ସ୍ନାୟୁ ରୋଗ ଜିବିଏସ୍ । ଏହି ସଂକ୍ରମଣ ମାମଲାରେ ପୁଣେରେ ପ୍ରଥମ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଏ ପର୍ଯ୍ୟନ୍ତ ଚିହ୍ନଟ ହେଲେଣି ୬୭ ରୋଗୀ । ଚିହ୍ନଟ ପରେ ଦେଶବ୍ୟାପୀ ଭୟର ବାତାବରଣ ସୃଷ୍ଟି ହୋଇଛି । ମହାରାଷ୍ଟ୍ର ପୁଣେରେ ଜିବିଏସ୍ ସଂକ୍ରମଣରେ ଦିନକରେ ଦେଖାଦେଇଛି ୮ ନୂଆ ମାମଲା । ମାମଲା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏ ପର୍ଯ୍ୟନ୍ତ ୬୭ ଜଣ ସଂକ୍ରମଣ ହୋଇଥିବା ଜଣାପଡ଼ିଛି । ବର୍ତ୍ତମାନ ପୁଣେରେ ଜିବିଏସ୍‌ର ରୋଗୀ ସର୍ବାଧିକ ହୋଇଥିବାରୁ ଲୋକେ ଭୟଭୀତ ଅଛନ୍ତି । ଗତ ୨ ଦିନ ତଳେ ସଂକ୍ରମଣ ସଂଖ୍ୟା ୫୯ରେ ପହଞ୍ଚିଥିଲା । କହିରଖୁ କି, ଜିବିଏସ୍ ଅଟୋଇମ୍ୟୁନ୍ ଏକ ପ୍ରକାର ସଂକ୍ରମଣ ରୋଗ । ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ଉପରେ ପ୍ରଭାବ ପକାଏ । ମାଂସପେଶୀରେ ଦୁର୍ବଳତା, ଶରୀରରେ ଝିମ୍‌ଝିମ୍ ହେବା, ଶରୀରର ସନ୍ତୁଳନ ବିଗିଡ଼ିବା ଓ ପକ୍ଷାଘାତର କାରଣ ସାଜେ। ସ୍ୱାସ୍ଥ୍ୟ ବିଭାଗର କରିବାନୁସାରେ, ପୁଣେର ଗ୍ରାମାଞ୍ଚଳରେ ୩୯, ମନପାରେ ୧୩, ପିମ୍ପରି ଚିଞ୍ଚୱଡ଼ରେ ମନପାରେ ୧୨ ଓ ୩ ଜଣ ଅନ୍ୟ ଜିଲ୍ଲାରୁ ସଂକ୍ରମିତ ହୋଇଛନ୍ତି । ସେହିପରି ଏଥିରେ ୪୩ ଜଣ ପୁରୁଷ ଓ ୨୪ ଜଣ ମହିଳା ସାମିଲ । ଏମାନଙ୍କ ମଧ୍ୟରୁ ୧୩ ଜଣ ସଂକ୍ରମିତଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି । ୧୯ ବର୍ଷ ଭିତରେ ୩୩ ଜଣ ସଂକ୍ରମିତ ହୋଇଥିବା ବେଳେ ୨୦ରୁ ୮୦ ବର୍ଷ ମଧ୍ୟରେ ମୋଟ୍ ୩୪ ଜଣ ସଂକ୍ରମିତ ରୋଗୀ ଅଛନ୍ତି । କହିରଖୁ କି, ଏହି ରୋଗର ନିୟନ୍ତ୍ରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ଔଷଧ ବାହାରିନାହିଁ । ପୁଣେ ବ୍ୟାପୁଥିବା ଜିବିଏସ୍ ମାମଲାକୁ ନେଇ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାର କହିଛନ୍ତି ଯେ, ଖୁବ୍‌ଶୀଘ୍ର ଏହି ସଂକ୍ରମଣ ଉପରେ କାବୁ କରିବାକୁ ପ୍ରୟାସ କରାଯାଉଛି । ରାଜ୍ୟବାସୀଙ୍କୁ ଭୟଭୀତ ନ ହେବାକୁ କହିଛନ୍ତି । ସଂକ୍ରମଣ ସଂଖ୍ୟା ଅଚାନକ ବୃଦ୍ଧି ପାଉଥିବାରୁ ଏଥିପାଇଁ ଏକ ରାପିଡ୍ ରେସପନ୍ସ ଟିମ୍ ଗଠନ କରାଯାଇଛି । ରିପୋର୍ଟ ଅନୁସାରେ, ଜିବିଏସ୍ ମାମଲାରେ ପ୍ରଥମ ସନ୍ଦିଗ୍ଧ ୬୪ ବର୍ଷୀୟ ମହିଳାଙ୍କୁ ମୃତ୍ୟୁ ହୋଇଛି । ଏହା ବ୍ୟାକ୍ଟେରିଆ ଦ୍ୱାରା ସଂକ୍ରମିତ ହୋଇଥାଏ ।

# ବର୍ଷକରେ ଟ୍ରେନ୍‌କୁ ୩,୯୦୧ ପଥର ମାଡ଼

## ଦେଶରେ ୩,୩୯୧ ମାମଲା ପଞ୍ଜୀକୃତ, ୧,୧୪୦ ଗିରଫ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଟ୍ରେନ୍ ଉପରକୁ ପଥର ମାଡ଼ ଘଟଣା ଏବେ ରେଳ ମନ୍ତ୍ରଣାଳୟ ପାଇଁ ଚିନ୍ତାର ବିଷୟ ପାଲଟିଛି। ପ୍ରତି ମାସରେ ସାରା ଦେଶରେ ହାରାହାରି ୩୨୫ଟି ମାମଲା ସାମନାକୁ ଆସୁଛି। ଯେଉଁଥିରେ ପୂର୍ବତଟ ରେଳପଥରେ ହାରାହାରି ୧୦ଟି ମାମଲା ରହୁଛି। ରେଳ ବୋର୍ଡ ସୁରକ୍ଷା ନିର୍ଦ୍ଦେଶାଳୟର ତଥ୍ୟ ଅନୁଯାୟୀ, ୨୦୨୪ ମସିହାରେ ୩,୯୦୧ଟି ପଥର ଫିଙ୍ଗା ଘଟଣା ରିପୋର୍ଟ କରାଯାଇଥିଲା। ସେଥିମଧ୍ୟରୁ ୩,୩୯୧ଟି ପଞ୍ଜୀକୃତ ମାମଲାରେ ୧,୧୪୦ଜଣ ଗିରଫ ହୋଇଥିଲେ। କେବଳ ବନ୍ଦେ ଭାରତ ଟ୍ରେନ୍‌କୁ ୭୪୧ ଆକ୍ରମଣ ଘଟଣାରେ ୨୨୮ଜଣଙ୍କୁ ଗିରଫ କରାଯାଇଥିଲା। ଯଦି ଦେଖାଯାଏ ପୂର୍ବତଟ ରେଳପଥ ଅଧୀନରେ ବନ୍ଦେ ଭାରତ ଟ୍ରେନ୍‌କୁ ୩୦ଟି ପଥର ଫିଙ୍ଗା ଘଟଣା ରିପୋର୍ଟ ହୋଇଛି, ଯେଉଁଥିରେ ୩୬ ଜଣଙ୍କୁ ଗିରଫ କରାଯାଇଥିଲା। ଅନ୍ୟାନ୍ୟ ଟ୍ରେନରେ ୮୫ଟି ଘଟଣା ରିପୋର୍ଟ ହୋଇଥିବା ବେଳେ ୬୫ଜଣ ଗିରଫ ହୋଇଥିବା ରେଳବାଇ ପକ୍ଷରୁ ସୂଚନା ମିଳିଛି।

ପଥର ଫିଙ୍ଗା ଘଟଣା ଦୃଷ୍ଟିଗୋଚର ହୋଇଥିବା ଅଞ୍ଚଳ ଉପରେ କଡ଼ା ନଜର ରଖାଯାଇଛି। ରେଳବାଇର ୦.୧୦%ରୁ ଅଧିକ ଜମି ଜବରଦଖଲ ହୋଇଛି, ଯାହାକି ରେଳ ଧାରଣା ପାଖରେ ଚଳାଚଳ ପାଇଁ ଖୋଲା ପ୍ରବେଶ ସହ ଏହି ଟ୍ରାକ୍ ସଂଲଗ୍ନ ବାସସ୍ଥାନଗୁଡ଼ିକ ଅଞ୍ଚଳରେ ଅପରାଧୀ ଉପଦ୍ରବ କରୁଛନ୍ତି। ଧରାପଡ଼ିଥିବା ପଥର ଫିଙ୍ଗାଳିମାନେ ଏହି ଟ୍ରାକ୍ ସଂଲଗ୍ନ ବାସସ୍ଥାନଗୁଡ଼ିକର ସ୍ଥାୟୀ ଅଧିବାସୀ ବୋଲି ଜଣାପଡ଼ିଛି; ଯେଉଁମାନଙ୍କ ବୟସ ପ୍ରାୟତଃ ୮ରୁ ୧୬ ବର୍ଷ ବୟସ ମଧ୍ୟରେ ହେବ। ସେମାନେ ପଥର ଫିଙ୍ଗାକୁ ଏକ ଖେଳ ଭାବି ତାହାର ମଜା ଉଠାଇଥାନ୍ତି। କେବଳ ସେତିକି ନୁହେଁ, ନିଶାଗ୍ରସ୍ତ, ବାସହୀନ, ମାନସିକ ରୋଗୀ, ସାମାଜିକ ଗଣମାଧ୍ୟମରେ ଦେଖାଇବା, ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିବାକୁ ବାଜି ଲଗାଇବା, ଭାରତୀୟ ରେଳ ସମ୍ପତ୍ତିକୁ ଟାର୍ଗେଟ କରିବା ଭଳି ମାନସିକତା ପାଇଁ ଏଭଳି ଘଟଣା ବଢ଼ିବାରେ ଲାଗିଛି। ବନ୍ଦେ ଭାରତ ଟ୍ରେନଗୁଡ଼ିକୁ ପଥର ଫିଙ୍ଗା ଘଟଣାରେ ବ୍ୟାପକ କ୍ଷତି ହୋଇଛି। ମରାମତି ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେବା ସହ ଯାତ୍ରା ସମୟରେ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହେଉଛି। ପଥର ଫିଙ୍ଗା ଦ୍ୱାରା ରୋଲିଂ ଷ୍ଟକ୍ ଚଳାଉଥିବା ଲୋକୋ ପାଇଲଟ୍ ବିଚଳିତ ହେବା ସହ ସନ୍ତୁଳନ ହରାଇ ବସୁଛନ୍ତି। ଯାହାକି ଟ୍ରେନ୍ ଦୁର୍ଘଟଣା ସୃଷ୍ଟି କରେ ବୋଲି ରେଳ ବିଭାଗ ସତର୍କ କରାଇଛି। ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି ଯେ ଏଭଳି ସମସ୍ୟାର ମୁକାବିଲା କରିବାକୁ ତେଜସ୍, ବନ୍ଦେ ଭାରତ ଏକ୍ସପ୍ରେସ୍, ଏସି ଲୋକାଲ ଆଦି ଟ୍ରେନ୍‌ରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବାକୁ ଯୋଜନା ହୋଇଛି। ଏସି କୋଚ୍‌ଗୁଡ଼ିକରେ ପଥର ପ୍ରତିରୋଧ କରିବା ଭଳି ବ୍ୟବସ୍ଥା ସହିତ ଲାମିନେଟେଡ୍ ବର୍ଣ୍ଣିଟ ଗ୍ଲାସ୍ ସିଲ୍‌ଡ ଡିଜାଇନ୍ ସହ ଦ୍ୱାର ଓ ସିଲ୍ ହୋଇଥିବା ଝରକାଗୁଡ଼ିକୁ ସ୍ୱୟଂଚାଳିତ ଭାବେ ବନ୍ଦ କରିବା ଭଳି ବ୍ୟବସ୍ଥା ହୋଇଛି। ଟ୍ରେନ୍, ଷ୍ଟେସନ୍ ଓ ସେକ୍ସନ୍‌ରେ ସିସିଟିଭି ଲଗାଯାଇ ସବୁଆଡ଼େ ନିରୀକ୍ଷଣକୁ ସୁନିଶ୍ଚିତ କରିବା ଦିଗରେ ପଦକ୍ଷେପ ନିଆଯାଇଛି। ପୂର୍ବତଟ ରେଳପଥର କେତେକ ସେକ୍ସନ୍‌ରେ ସେରଚାଳିତ ସିସିଟିଭି କ୍ୟାମେରା ସ୍ଥାପନ ହୋଇଛି। ଆରପିଏଫ୍ ଦ୍ୱାରା ଡ୍ରୋନ୍ ନିୟୋଜନ କରାଯାଇ ଅପରାଧପ୍ରବଣ ସ୍ଥାନଗୁଡ଼ିକ ଉପରେ ନଜର ରଖାଯାଇଛି। ରେଳବାଇ ଆଇନର ଧାରା ୧୫୨ ଅନୁଯାୟୀ ଟ୍ରେନ୍‌କୁ ପଥର ଫିଙ୍ଗାଳିଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଆଜୀବନ କାରାଦଣ୍ଡ ହୋଇପାରେ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ଫେବୃୟାରୀ ୨୦୨୫ ସୋମବାର





# ଧୂଳିରେ ଅସହ୍ୟ ପଥଚାରୀ, ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନି

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**



ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଝଙ୍କଡ଼ ରେଳ ଷ୍ଟେସନ ନିକଟରୁ କନକପୁର ପଂଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଦ୍ୱରା କରାଯାଉଥିବା ରାସ୍ତାର ସମ୍ପ୍ରସାରଣ କରଯାଉଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷ ଓ ଠିକାଦାର ପଥଚାରୀଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେଉନଥିବା ଦେଖିବାକୁ ମିଳିଛି । ରାସ୍ତା କାମ ବିଳମ୍ବ ହେଉଥିବା ବେଳେ ରାସ୍ତାରୁ ପିଚୁ ତଡ଼ାଯାଇ ମେଣ୍ଟାଲ ଓ ଡଷ୍ଟ ବିଛାଯାଇଛି । ଏହି ରାସ୍ତାଟି ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କର ମୁଖ୍ୟ ରାସ୍ତା ହୋଇଥିବା ବେଳେ ପ୍ରତେକ ଦିନ ଶତାଧିକ ଶ୍ରଦ୍ଧାଳୁଙ୍କ ସମେତ ମେଡିକାଲ, ସ୍କୁଲ, କଲେଜ ଓ ବିଭିନ୍ନ କାର୍ଯ୍ୟପାଇଁ ଏହି ରାସ୍ତା ଦେଇ ଜନସାଧାରଣ ମାନେ ଯାତାୟାତ କରୁଛନ୍ତି । ଦୁଇ କିଲୋମିଟର ରାସ୍ତାଟି ଏକ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟବରାଦ କରଯାଇଥିଲେ ମଧ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତାରେ ମେଟାଲ ଓ ଡଷ୍ଟ ପଡିଥିବାବେଳେ ଠିକାଦାର ରାସ୍ତାରେ ପାଣି ପକାଉନଥିବା କାରଣରୁ ପଥଚାରୀମାନେ ଧୂଳି ଧୂସରରେ ଅଣନିଶ୍ୱାସୀ ହୋଇପଡୁଥିବା ଦେଖିବାକୁ ମିଳିଛି । ଏହି ରାସ୍ତା ଦେଇ ୪ ଚକିଆ କିମ୍ବା ୬ ଚକିଆ ଯାନ ଯାତାୟାତ କରୁଥିବାବେଳେ ଗାଡି ପଛରେ ଯାଉଥିବା ଜନସାଧାରଣ ଧୂଳି ଧୂସରର ଶିକାର ହେଉଥିବା ଦେଖାଯାଇଛି । ଏହି ସମସ୍ୟା ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଲୋପ ପାଇଲାଣି ପ୍ରାଚୀନ ଧାନ ଖଣି

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**



ପୂର୍ବରୁ ଧାନକୁ ସାଇତି ରଖିବା ଲାଗି ଶହ ଶହ ବର୍ଷ ଧରି ଚାଷୀ ବ୍ୟବହାର କରୁଥିବା ଧାନ ଖଣି ପରମ୍ପରା ଗତ କିଛି ବର୍ଷ ହେଲା ଲୋପ ପାଇବାକୁ ବସିଲାଣି । ସିମେଂଟ୍ ?, କଂକ୍ରିଟ୍ ରାସ୍ତା ଏହି ପ୍ରାଚୀନ କୃଷି ପରମ୍ପରାକୁ ଉଜ୍ଜୀବିତ କରି ରଖିବାରେ ପ୍ରତିବନ୍ଧକ ସାଜିଥିବା ଚାଷୀଙ୍କ ମହଲରେ ଆଲୋଚନା ହେଉଛି । ଗ୍ରାମାଂଚଳରେ ଚାଷୀ ପରିବାର ନିଜ ଘର ସମ୍ମୁଖରେ ଖଣି ପକାଇ ଧାନକୁ ସାଇତି ରଖୁଥିଲେ । ବର୍ତ୍ତମାନ ଗାଁ ଗାଁ ଗ୍ରାମାଂଚଳରେ ଚାଷୀ ପରିବାର ଘର ସମ୍ମୁଖରେ ଧାନ ଖଣି ପରମ୍ପରା ଶୋଭା ପାଉଛି । ଶହ ଶହ ବର୍ଷ ଧରି ଚଳି ଆସୁଥିବା ଏହି ପ୍ରାଚୀନ ଧାନ ଖଣି ଏବେ ଦେଖିବାକୁ ମିଳୁନି । ପ୍ରତ୍ୟେକ ବର୍ଷ ମାଘ ମାସ ଆସିଲେ ଗ୍ରାମର ଦୃଶ୍ୟ ଅଲଗା ହୋଇପଡୁଥିଲା । ଚାଷୀ ସମାଜ ନିଜ କ୍ଷେତରୁ ଧାନକୁ ଅମଳ କରି ଆଣି ପରେ ଧାନକୁ ଅଧିକ ସୁରକ୍ଷିତ ତଥା ସାଇତି ରଖିବା ଲାଗି ଖଣି ଖୋଳି ସେଥିରେ ଧାନକୁ ରଖୁଥିଲେ । ଏଥିଲାଗି ଚାଷୀଙ୍କ ଭିତରେ ଏ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହୁଥିଲା । ଖଣିରେ ଧାନକୁ ସାଇତି ରଖିବା ଗ୍ରାମାଂଚଳର ଚାଷୀଙ୍କ ଲାଗି ଏକ ସମ୍ମାନର ବିଷୟ ଥିଲା । ଯେଉଁ ଚାଷୀଙ୍କ ଧାନ ଖଣି ନାହିଁ ସେ ନାମ ମଧ ଆଲୋଚିତ ହେଉଥିଲା । ଗ୍ରାମାଂଚଳର ଚାଷ ଖଣି, ଡ଼ୋଲି ଓ ପୁତୁଗରେ ସାଇତି ରଖୁଥିଲେ । ଧାନ ସାଇତି କରି ରଖିବା ଲାଗି ଏହି ତିନି ପଦ୍ଧତି ମଧ୍ୟରୁ ଧାନ ଖଣି ଚାଷୀଙ୍କ ଲାଗି ଅଧିକ ନିରାପଦ ଥିଲା । ଧାନ ଅମଳ ଶେଷ ହେଲେ ଖଣି ଖୋଳା ଆରମ୍ଭ ହୋଇ ଯାଉଥିଲା । ପ୍ରଥମେ ପାଳର ପଟୁ ଖଣି ତଳେ ପାଇ ତା ଉପରେ ପାଳକୁ ପକାଯାଉଥିଲା । ଖଣି ତଳରେ ଆର୍ଦ୍ରତା ଓ ପାର୍ଶ୍ୱର ମାଟିର ଆର୍ଦ୍ରତା ଯେପରି ଧାନକୁ ସ୍ପର୍ଶ ନକରି ପାରିବ ସେଥିପ୍ରତି ମଧ ଧାନ ଦିଆଯାଉଥିଲା । ଖଣିର ଚତୁଃପାର୍ଶ୍ୱରେ ପାଳର ମେଂଟୁ ବନ୍ଧାଯାଇ ତା ପରେ ଧାନ ପକାଯାଇ ମାଟି ଘୋଡ଼େଇ ଅଧିକ ମଜବୁତ୍ କରାଯାଉଥିଲା । ଖଣିକୁ ମାଟିରେ ଲେପ ଦିଆଯାଇ କଂଚା ଗୋବରରେ ଲିପାପୋଛା କରାଯାଉଥିଲା । ଏହି ଧାନ ଖଣି ପରମ୍ପରା ସହିତ ସାମାଜିକ, ସଂସ୍କୃତି ମଧ ଜଡ଼ିତ ଥିଲା । କନ୍ୟା କିମ୍ବା ବର ଦେଖା ବେଳେ ଖଣି ଉଚ୍ଚତାକୁ ନେଇ ସମ୍ପୃକ୍ତ ଚାଷୀଙ୍କ ଘରେ ବନ୍ଧୁ ବାନ୍ଧିବା ଲାଗି ଆଗ୍ରହ ପ୍ରକାଶ କରୁଥିଲେ । ଧାନ ଖଣିକୁ ଚାଷୀ ଦେବତା ଭଳି ପୂଜା କରୁଥିଲେ । ତେବେ ଏହି ପ୍ରାଚୀନ ଧାନ ଖଣି ପରମ୍ପରା ଏବେ ଲୋପ ପାଇବାକୁ ବସିଲାଣି ।

# ବିଜେପିର ବିଜୟ ଉତ୍ସବ ପାଳନ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ଦୀର୍ଘ ୨୭ ବର୍ଷ ପରେ ଦିଲ୍ଲୀ ନିର୍ବାଚନ ପରେ ବିଜେପି ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ସରକାର ଗଢିବାକୁ ଯାଉଥିବା ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲ୍ଲା ବିଜେପି ପକ୍ଷରୁ ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ଠାରେ ବିଜୟ ଉତ୍ସବ ପାଳନ କରାଯାଇଛି । ବହୁ ସଂଖ୍ୟକ ବିଜେପି କର୍ମୀ ଓ ସ୍ଥାନୀୟ ନେତୃବୃନ୍ଦ ବ୍ୟକ୍ତିମାନେ ମିଷ୍ଟାନ୍ନ ବଣ୍ଟନ କରିବା ସହ ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରି ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ । ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, ବିଜେପି ନେତ୍ରୀ ଗୀତାଳୀ ସେଠୀଙ୍କ ସମେତ ପୂର୍ବତନ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବୈଦନାଥ ଚାଟାର୍ଜୀ, ଦୁର୍ଯ୍ୟୋଧନ ସାହୁ, ଉପୀନ ରାଉତ, ଅଭିମନ୍ୟୁ ଗୋଛାୟତ, ସୁନାକର ସାମଲ, ମହମ୍ମଦ ସଲିମ ଖାନ, ମନିନ୍ଦ୍ର ରାଉତ, ନେହେରୁ ସାହୁ, ପ୍ରିୟଦର୍ଶିନୀ ନନ୍ଦ, ଝିଲ୍ଲୀ ଦାସ, ମାନସୀ ସାହୁ, ନୃସିଂହ ପ୍ରସାଦ ପତ୍ରୀ, ଅମିତାଵ ସୁଆର ପ୍ରମୁଖ ଉପସ୍ଥିତ ଥିଲେ ।



## ଦିଲ୍ଲୀରେ ବିଜେପିର ପ୍ରଚଣ୍ଡ ବିଜୟ ପରେ ପ୍ରବାସୀ ଓଡିଆଙ୍କୁ କୃତଜ୍ଞତା ଜଣାଇଲେ ସାଂସଦ

# ୨୭ ବର୍ଷର ବ୍ୟବଧାନ ପରେ ବିଜେପି ଦିଲ୍ଲୀରେ କ୍ଷମତାକୁ ଫେରିଛି

**କେନ୍ଦୁଝର, ନ୍ୟୁଜ**





ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟୀ ସପକ୍ଷରେ ମିଳିଥିବା ପ୍ରଚଣ୍ଡ ଜନାଦେଶ ପରେ କେନ୍ଦୁଝର ସାଂସଦ ତଥା ଦିଲ୍ଲୀ ବିଜେପି ଓଡିଆ ସେଲର ପ୍ରଭାରୀ ଅନନ୍ତ ନାୟକ ଦିଲ୍ଲୀରେ ରହୁଥିବା ପ୍ରବାସୀ ଓଡିଆମାନଙ୍କ ପ୍ରତି ଦଳ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଗତ ବିଧାନସଭା ନିର୍ବାଚନରେ ଦିଲ୍ଲୀରେ ରହୁଥିବା ପ୍ରବାସୀ ଓଡିଆମାନେ ଭାରତୀୟ ଜନତା ପାର୍ଟି ପ୍ରତି ଅଜସ୍ର ସମର୍ଥନ ପ୍ରଦାନ କରିଥିବା କାରଣରୁ ପ୍ରବାସୀ ଓଡିଆ ବହୁଳ ବିଧାନସଭା ଆସନ ଗୁଡିକରେ ବିଜେପି ପ୍ରାର୍ଥୀମାନେ ବିଜୟୀ ହୋଇ ପାରିଛନ୍ତି ବୋଲି ଶ୍ରୀ ନାୟକ କହିଛନ୍ତି । ଉଲ୍ଲେଖନୀୟ ଯେ, କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କୁ ଦଳର କେନ୍ଦ୍ରୀୟ ନେତୃତ୍ୱ ଦିଲ୍ଲୀ ବିଜେପି ଓଡିଆ ସେଲର ପ୍ରଭାରୀ ଭାବେ ଦାୟିତ୍ୱ ଦେଇଥିଲା ଓ ବିଧାନସଭା ନିର୍ବାଚନ ପରିଚାଳନାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଦିଲ୍ଲୀରେ ରହୁଥିବା ପ୍ରବାସୀ ଓଡିଆମାନଙ୍କ ନିକଟକୁ ପହଞ୍ଚିବା ଓ ସେମାନଙ୍କର ସମର୍ଥନ ହାସଲ କରିବା ପାଇଁ ସେ ରଣନୀତି ପ୍ରସ୍ତୁତ କରିଥିଲେ । ସେ ନିଜେ ପ୍ରବାସୀ ଓଡିଆ ବହୁଳ ୧୭ଟି ବିଧାନସଭା ଆସନରେ ଯାଇ ପ୍ରଚାର କରିଥିଲେ । ସେ ପ୍ରଚାର କରିଥିବା ୧୭ଟି ବିଧାନସଭା ଆସନରୁ ୧୪ଟି ଆସନରେ ବିଜେପି ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି । ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପିର ବିପୁଳ ବିଜୟ ପରେ ପ୍ରତିକ୍ରିୟାରେ ଶ୍ରୀ ନାୟକ କହିଛନ୍ତି ଯେ, ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିକୁ ମିଳିଥିବା ପ୍ରଚଣ୍ଡ ବିଜୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଭାରତୀୟ ଜନତା ପାର୍ଟିର ନୀତି ପ୍ରତି ବିଶ୍ୱାସର ପ୍ରତୀକ । ଆଜିର ଏହି ବିଶାଳ ବିଜୟ ପ୍ରମାଣିତ କରି ଦେଇଛି ଯେ ଦେଶର ଜନସାଧାରଣଙ୍କର ବିଶ୍ୱାସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଅଛି । ରାଜଧାନୀ ଦିଲ୍ଲୀର ହୃଦୟରେ ମଧ ଆଦରଣୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଛନ୍ତି । ସେ କହିଛନ୍ତି ପାଖାପାଖି ୨୭ ବର୍ଷର ଦୀର୍ଘ ବ୍ୟବଧାନ ପରେ ଭାରତୀୟ ଜନତା ପାର୍ଟି ଦିଲ୍ଲୀରେ କ୍ଷମତାକୁ ଫେରୁଛି । ଏହି ବିଶାଳ ବିଜୟ ପାଇଁ ମୁଁ ଦଳର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା, ଦିଲ୍ଲୀ ବିଜେପି ସଭାପତି ବୀରେନ୍ଦ୍ର ସଚଦେବା ଓ ଦଳ ପାଇଁ କଠିନ ପରିଶ୍ରମ କରିଥିବା ଦେବଦୁର୍ଲଭ କାର୍ଯ୍ୟକର୍ତ୍ତା ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଦିଲ୍ଲୀର ଜନ ସାଧାରଣଙ୍କ ପ୍ରତି କୃତଜ୍ଞତା ଜଣାଉଛି ବୋଲି ସେ କହିଛନ୍ତି ।

# ବିଭିନ୍ନ କାର୍ଯ୍ୟରେ ଲିପ୍ତ ଥିବା ୫୫ ଅଭିଯୁକ୍ତ ଗିରଫ

**ରମ୍ଭା, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ଥାନାଞ୍ଚଳରେ ଲଗାତାର ବିଭିନ୍ନ କାର୍ଯ୍ୟରେ ଲିପ୍ତ ରହି ଭିନ୍ନ ଭିନ୍ନ ଜାଗାରେ ରମ୍ଭା କୌଶଳ କ୍ରମେ ସ୍ଥାନ କାଳ ପାତ୍ରକୁ ଭୃକ୍ଷେପ ନ କରି ଦିବାରାତ୍ରକୁ ଏକ କରି ଛାନ୍ନବିନ କରି ସଫଳତାର ଦ୍ୱାର ଦେଶରେ ପହଂଚିଥିବା ଖବର ମିଳିଛି । ବିଭିନ୍ନ ସ୍ଥାନରେ ମଦ, ଜୁଆଡ଼ି, ଲୁଟେରା, ମନ୍ଦିର ହୁଣ୍ଡୀ ଭାଙ୍ଗିବା, ୱାରେଣ୍ଟି ଧରପଗଡ଼, ମଦ୍ୟପାନ କରି ଚଳାଇବା, ହତ୍ୟା, ଲୁଣ୍ଠନ, ତ୍ରିପଲ ରାଇଡିଙ୍ଗ, ହେଲମେଟ ବିହୀନ ଗାଡି ଚଳାଇବା, ଅପରାଧୀଙ୍କ ଗତିବିଧି ସହିତ ସାମଗ୍ରିକ ସମସ୍ୟା ଉପରେ ରମ୍ଭା ଥାନା ଆଇଆଇସି ସତ୍ୟବ୍ରତ ଭୂତିଆ ସୂଚନା ଦେଇଛନ୍ତି । ଏଥି ସହିତ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୪୮ ଲିଟର ଦେଶୀ /ବିଦେଶୀ ମଦ ଜବତ ଓ ୨ ଜଣ ଆରେଷ୍ଟ ହୋଇଥିବା ବେଳେ ବିଭିନ୍ନ କେଶରେ ଛନ୍ଦି ହୋଇ ହତ୍ୟା, ଲୁଣ୍ଠନ, ଅପହରଣ, ଲୁଟେରା, ଆତ୍ମହତ୍ୟା, ଦିନ ଦ୍ୱିପହରେ ପୋଲିସକୁ ଖୋଲା ଚାଲେଞ୍ଜ କରି ଘୁରି ବୁଲୁଥିବା ତଥା ପରିତ୍ୟକ୍ତ ଗୃହ ଓ କୋଠାଘର ଲୁଚି ରହିଥିବା ସମୟେ ସମୟେ ଆନ୍ତଃରାଜ୍ୟ ପରିଭ୍ରମଣ କରି ଦୀର୍ଘ ସମୟ ଧରି ଛପି ରହିଥିବା ବେଳେ ପୋଲିସକୁ ତଦନ୍ତରେ ନାକେଦମ ହେବାକୁ ପଡୁଛି । ଏପରି ସମୟରେ ୨୫ ୱାରେଣ୍ଟିଙ୍କୁ ଗିରଫ କରାଯାଇ କୋର୍ଟ ଫରୱାର୍ଡ ହୋଇଥିବା ସୂଚନା ମିଳିଛି । ଏତଦ ବ୍ୟତୀତ ମଦ୍ୟପାନ କରି ଗାଡି ଚଳାଇବା ୮ ଜଣ ଗିରଫ, ତ୍ରିପଲ ରାଇଡିଙ୍ଗରେ ୧୫ ଜଣ ଗିରଫ ଓ ହେଲମେଟ ବିହୀନ ଗାଡି ଚଳାଇ ୨୬ ଜଣ ଗିରଫ ହୋଇଥିବା ଜଣାଯାଇଛି । ତତ ସହିତ ୫୫ ଲୋକଙ୍କ ବିରୁଦ୍ଧରେ ପି. ଆର କେଶ୍ ମୋକଦମା ରୁଜୁ କରାଯାଇଥିବା ଜଣାଯାଇଛି । ଏଥି ସହିତ ପେଣ୍ଡିଙ୍ଗ ୪୮ ଓ ଓପିଜି ଆକ୍ଟ ନିଲ ରହିଥିବା ଜଣାଯାଇଛି ।



# ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଖାଇବେ ୬ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ

**କୋରାପୁଟ, ନ୍ୟୁଜ**

କୋରାପୁଟ ଜିଲ୍ଲାରେ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଦିଆଯିବ । ଜିଲ୍ଲାରେ ପାଇଲଟ ପ୍ରୋଜେକ୍ଟ ଭାବରେ ନିଆ ଯାଇଥିବା ଏହି ଯୋଜନାରେ ଦୁଇଟି ବ୍ଲକର ୬ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସାମିଲ ହେବେ । ଚଳିତ ମାସରୁ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି ।

ମାଣ୍ଡିଆ ଏକ ସୁଶମ ଖାଦ୍ୟ । ଏହା ପ୍ରୋଟିନ ଯୁକ୍ତ । ଏହା ଶରୀର ପ୍ରତି ହିତକର । କୋରାପୁଟ ଜିଲ୍ଲାର ଅଧିକାଂଶ ବ୍ଲକ ଅଞ୍ଚଳରେ ମାଣ୍ଡିଆ ଚାଷ କରାଯାଏ । ମାଣ୍ଡିଆ ଆଦିବାସୀମାନଙ୍କର ପ୍ରଧାନ ଖାଦ୍ୟ । ବହୁଳ ପରିମାଣରେ ଏହା ଚାଷ କରାଯାଉଥିବା ଏବଂ ଜିଲ୍ଲାର ଗ୍ରାମାଞ୍ଚଳରେ ଲୋକେ ଏହାକୁ ବୃହୁଳ ପରିମାଣରେ ବ୍ୟବହାର କରୁଥିବା ଯୋଗୁଁ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ କରି ଏହାକୁ ପରିକ୍ଷା ମୂଳକ ଭାବେ ଗତ ବର୍ଷ ଆରମ୍ଭ କରାଯାଇଥିଲା । ତେବେ ଗତ ବର୍ଷ ମାଣ୍ଡିଆରୁ ପ୍ରସ୍ତୁତ ୩ଟି ଖାଦ୍ୟ ମାଣ୍ଡିଆ ଖିଚିଡି, ମାଣ୍ଡିଆ ଉପମା ଏବଂ ମାଣ୍ଡିଆ ମିଠା ମିଲ୍ ମଧ୍ୟରୁ କେବଳ ମାଣ୍ଡିଆ ପ୍ରସ୍ତୁତ ମିଠା ମିଲକୁ ଅଧିକ ପସନ୍ଦ କରିଥିଲେ । ଯାହା ଫଳରେ ଚଳିତ ବର୍ଷ କେବଳ ମାଣ୍ଡିଆ ମିଠା ମିଲ୍ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରାଯିବ । ସେମିଳିଗୁଡା ବ୍ଲକର ରାଜପୁଟ ପଞ୍ଚାୟତ ଅନ୍ତର୍ଗତ ବଡବଡେଙ୍ଗା ଗ୍ରାମ ନିକଟରେ ମିଶନ ଶକ୍ତି ଏବଂ ଇକ୍ରିସାଟର ମିଳିତ ସହଯୋଗରେ ଫେବୃଆରୀ ମାସରୁ ଆରମ୍ଭ ହୋଇଥିବା ମିଲେଟ ପ୍ରୋସେସିଙ୍ଗ ୟୁନିଟ ମାଧ୍ୟମରେ ମାଣ୍ଡିଆ ପ୍ରସ୍ତୁତି ଖାଦ୍ୟ ଯୋଗାଣ କରାଯିବ । ଡିଏମଏଫ ଫଣ୍ଡ ମାଧ୍ୟମରେ ଏହି ଖାଦ୍ୟ ଯୋଗାଇ ଦିଆଯିବାକୁ ନିଷ୍ପତ୍ତି ନିଆ ଯାଇଥିବାରୁ ଡିଏମଏଫ ଅଞ୍ଚଳରେ ରହିଥିବା ବିଦ୍ୟାଳୟ ଗୁଡିକୁ ଏଥିରେ ସାମିଲ କରାଯାଇଛି । ତେବେ ଗତ ବର୍ଷ ପରିକ୍ଷା ମୂଳକ ଭାବେ ପାଇଲଟ ପ୍ରୋଜେକ୍ଟ ବ୍ଲକ ଭାବରେ ପଟାଙ୍ଗୀ ବ୍ଲକକୁ ନିଆ ଯାଇଥିଲା । ଏହି ବ୍ଲକର ୪ଟି ପଞ୍ଚାୟତକୁ ପ୍ରଥମେ ସାମିଲ କରାଯାଇଛି । ଡିଏମଏଫ ଅଞ୍ଚଳରେ ରହିଥିବା ଆବେଲି, ପେଟୁରୁ, ଗୋଲୁରୁ ଏବଂ କୋଟିଆ ପଞ୍ଚାୟତକୁ ଏଥିରେ ସାମିଲ କରାଯାଇ ୪ଟି ପଞ୍ଚାୟତର ୫୫ଟି ବିଦ୍ୟାଳୟର ୩ ହଜାର ୬ଶହ ୬୩ ଜାଣ ଛାତ୍ରଛାତ୍ରୀଙ୍କୁ ମାଣ୍ଡିଆ ପ୍ରସ୍ତୁତି ଖାଦ୍ୟ ପ୍ରଦାନ କରାଯାଇଥିଲା । ଏଥିନେଇ ମିଲେଟ ଶକ୍ତି ପ୍ରୋସେସିଂଗ ୟୁନିଟ ମାଣ୍ଡିଆ ତିଆରି ଖିଚିଡି, ଉପମା ଓ ମିଠା ମିଲ ଯୋଗାଇ ଆସୁଥିଲା । ତେବେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କେବଳ ମିଠା ମିଲକୁ ପସନ୍ଦ କଲେ । ଫଳରେ ଚଳିତ ବର୍ଷ ଖିଚିଡି ଆଉ ଉପମାକୁ ବାଦ ଦିଆଯାଇଛି । ଅନ୍ୟ ପକ୍ଷରେ ଚଳିତ ବର୍ଷ ପଟାଙ୍ଗୀ ବ୍ଲକର ଆଉ ୫ଟି ବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରାଯାଇଛି । ଫଳରେ ପଟାଙ୍ଗୀ ବ୍ଲକର ବିଦ୍ୟାଳୟ ସଂଖ୍ୟା ୫୫ରୁ ବୃଦ୍ଧି ପାଇ ୬୦ରେ ପହଞ୍ଚିଛି । ଚଳିତ ବର୍ଷ ୪ଟି ପଞ୍ଚାୟତର ୬୦ଟି ବିଦ୍ୟାଳୟର ୪ ହଜାର ୨ ଶହ ୨୧ ଜଣ ଛାତ୍ରଛାତ୍ରୀ ମାଣ୍ଡିଆ ପ୍ରସ୍ତୁତ ମିଠା ମିଲ ଖାଇବେ । ଏକ ବର୍ଷ ପାଇଁ କେବଳ ପଟାଙ୍ଗୀ ବ୍ଲକର ଛାତ୍ରଛାତ୍ରୀମାନଙ୍କୁ ଏହି ଖାଦ୍ୟ ଯୋଗାଣ ନେଇ ପ୍ରାୟ ୯୩ ଲକ୍ଷ ଟଙ୍କା ଖର୍ଚ୍ଚ ଆକଳନ କରା ଯାଇଥିବା ଜଣାପଡିଛି । ସେହିପରି ଚଳିତ ବର୍ଷ ପ୍ରଥମଥର ପାଇଁ ନାରାୟଣପାଟଣା ବ୍ଲକକୁ ସାମିଲ କରାଯାଇଛି । ଏହି ବ୍ଲକର ବାଲିପେଟା, ବିଜାଘାଟି, ତଳଗୁମାଣ୍ଡି ଓ ତେନ୍ତୁଳିପଦର ପଞ୍ଚାୟତର ୩୪ଟି ବିଦ୍ୟାଳୟକୁ ସାମିଲ କରାଯାଇଛି । ଏହି ୩୪ଟି ବିଦ୍ୟାଳୟର ୨ ହଜାର ୫ଶହ ୭୩ ଜଣ ଛାତ୍ରଛାତ୍ରୀଙ୍କୁ ମାଣ୍ଡିଆ ପ୍ରସ୍ତୁତ ମିଠା ମିଲ ପ୍ରଦାନ କରାଯିବ । ଏଥିପାଇଁ ପ୍ରାୟ ୫୭ ଲକ୍ଷ ଟଙ୍କା ଖର୍ଚ୍ଚ ଆକଳନ କରାଯାଇଥିବା ଜଣା ପଡିଛି । ପ୍ରୋସେସିଂ ୟୁନିଟ ମାଧ୍ୟମରେ ସ୍ୱୟଂ ସହାୟକ ଦଳର ମାହିଳାମାନେ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି । ଏହି ପ୍ରୋସେସିଂ ୟୁନିଟରେ ରାଜପୁଟ ପଞ୍ଚାୟତର ୫ଟି ସ୍ୱୟଂ ସହାୟକ ଗୋଷ୍ଠିର ୧୨ ଜଣ ମହିଳା କାଯ୍ୟରତ ଅଛନ୍ତି । ସେମାନେ ସମସ୍ତେ ଇକ୍ରସାଟ ତରଫରୁ ତାଲିମ ନେଇଛନ୍ତି । ପିଲାଙ୍କ ପାଇଁ ଉତ୍ତମ ମାନର ହାଇଜେନିକ ଖାଦ୍ୟ ପ୍ରସ୍ତୁତ କରିବା ସହିତ ଅନ୍ୟ ସମୟରେ ମାଣ୍ଡିଆରୁ ବିଭିନ୍ନ ପ୍ରକାର ବିସ୍କୁଟ ସମେତ ଅନ୍ୟାନ୍ୟ ଖାଦ୍ୟ ପ୍ରସ୍ତୁତ କରି ବେଶ୍ ଲାଭବାନ ହୋଇ ପାରିଥିବା କହିଚନ୍ତି ।


# ଜିଲ୍ଲା ବିଜେପିର ନୂତନ ସଭାପତିଙ୍କୁ ବିପୁଳ ସମ୍ବର୍ଦ୍ଧନା



**ବାଲେଶ୍ୱର, ନ୍ୟୁଜ**


ଭାରତୀୟ ଜନତା ପାର୍ଟିର ନବ ନିଯୁକ୍ତ ଜିଲ୍ଲା ସଭାପତି ଇଶ୍ୱର ଚନ୍ଦ୍ର ବେହେରାଙ୍କୁ ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଶୋଭାଯାତ୍ରା ଓ ସଭା ଆୟୋଜିତ ହୋଇଯାଇଛି । ସ୍ଥାନୀୟ ମିଶନ୍ ପଡ଼ିଆରୁ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ନୂତନ ଜିଲ୍ଲା ସଭାପତି ଶ୍ରୀ ବେହେରାଙ୍କୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ତଥା ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ନିଳଗିରି ବିଧାୟକ ସନ୍ତୋଷ ଖଟୁଆ, ସଦର ବିଧାୟକ ମାନସ କୁମାର ଦତ୍ତ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ସମେତ ଦଳର ବରିଷ୍ଠ ନେତାମାନେ ଖାନନଗର ସ୍ଥିତ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ପାଛୋଟି ନେଇଥିଲେ । ଏହା ପରେ ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଞ୍ଚ ଆହ୍ୱାନ କରିଥିବା ବେଳେ ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ । ଅତିଥି ପରିଚୟ, ପ୍ରଦୀପ ପ୍ରଜ୍ୱଳନ ଓ ସାମୁହିକ ବନ୍ଦେ ମାତରଂ ଗ୍ଲାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସଭାରେ ବକ୍ତା ଭାବରେ ନିଳଗିରି ବିଧାୟକ ସନ୍ତୋଷ ଖଟୁଆ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପୁର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ପୁର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୋଭନା ମହାନ୍ତି, ବାଲେଶ୍ୱର ଜିଲାର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ମୟୁରଭଞ୍ଜ ଜିଲ୍ଲାର ନବ ନିଯୁକ୍ତ ଜିଲ୍ଲା ସଭାପତି ନିହାର ମୋଦି ଓ ସହ ଅଧିକାରୀ ଶୁଭଙ୍କର ମହାପାତ୍ର, ରାଜ୍ୟ ପ୍ରବକ୍ତା ଠାକୁର ରଣଜିତ ଦାସ ପ୍ରମୁଖ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ଓ ତାଙ୍କ ସାଙ୍ଗଠନିକ ଅଭିଜ୍ଞତା ବିଷୟରେ ଆଲୋକପାତ କରିଥିଲେ । ଶେଷରେ ନୂତନ ସଭାପତି ତାଙ୍କର ବକ୍ତବ୍ୟରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏହାପରେ ବିଧାନସଭା ପର୍ଯ୍ୟାୟରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଜିଲ୍ଲାର ସମସ୍ତ ମୋର୍ଚ୍ଚା, ସେଲ୍ ଓ ବରିଷ୍ଠ ନେତୃତ୍ୱ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ସର୍ବଶେଷରେ ଅନ୍ୟତମ ନିର୍ବାଚନ ସହଅଧିକାରୀ ଆଶୀଷ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ


**ତା୧୦।୨।୨୦୨୫, ମାଘ ଦି୨୮ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬।୧୯।୦୬** **ଚନ୍ଦ୍ରୋଦୟ- ଦିଘ ୩।୪୧।୦୪**


**ତ୍ରୟୋଦଶୀ-** ସଂଘ ୬।୫୮ ପର୍ଯ୍ୟନ୍ତ । **ପୁନର୍ବସୁ ନକ୍ଷତ୍ର-** ସଂଘ ୬।୦୧ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଦିଘ ୧୧।୫୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ଦିଘ ୧୧।୫୭ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର ଦିଘ ୧୧।୫୭ ମଧ୍ୟେ । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ସଂଘ ୬।୫୮ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୨ ଗତେ ଘ ୭।୪୬ ମଧ୍ୟେ, ଦିଘ ୧୦।୫୩ ଗତେ ଘ ୧।୦୮ ମଧ୍ୟେ । **ପର୍ବୋତ୍ସବ-** ନିତ୍ୟାନନ୍ଦ ଗୋସ୍ୱାମୀଙ୍କ ଜନ୍ମୋତ୍ସବ ।




**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚକତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।




**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।



**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।




**କର୍କଟ:** ମନରେ ଚଞ୍ଚଳତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।




**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ଥନ ଲାଭ କରିବେ । ମନ ଅସ୍ଥିର ରହିବ ।



**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।



**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।



**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।



**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।



**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।



**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୧।୨।୨୦୨୫, ମାଘ ଦି୨୯ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୬।୧୮।୩୭** **ଚନ୍ଦ୍ରୋଦୟ- ଦିଘ ୪।୪୧।୧୨**

**ଚତୃର୍ଦ୍ଦଶୀ-** ସଂଘ ୬/୫୬ ପର୍ଯ୍ୟନ୍ତ । **ପୁଷ୍ୟାନକ୍ଷତ୍ର -** ସଂଘ ୬/୩୪ ପର୍ଯ୍ୟନ୍ତ । **କର୍କଟଚନ୍ଦ୍ର-** ଅହୋରାତ୍ର । ଚନ୍ଦ୍ରଶୁଦ୍ଧି- ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-**ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଚତୃର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ସଂଘ ୬/୫୬ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୯।୧୧ ଗତେ ଘ ୧୦।୫୩ ମଧ୍ୟେ, ଦିଘ ୦୧।୦୯ ଗତେ ଘ ୧।୨୬୧ ମଧ୍ୟେ ।

**ପର୍ବୋତ୍ସବ-** ଯୋରନ୍ଦା ମେଳା, ମଙ୍ଗଳ ଚତୁର୍ଦ୍ଦଶୀ ସ୍ନାନ ।

31 YEARS
ସମ୍ବାଦ କଳିକା

# ଭାରତରେ ବ୍ୟାଙ୍କ ଓ ଡିଜିଟାଲ୍ ଠକେଇରେ ବଡ଼ ଧରଣର ବୃଦ୍ଧି

ଭାରତରେ ବ୍ୟାଙ୍କ ଓ ଡିଜିଟାଲ୍ ଠକେଇରେ ବଡ଼ ଧରଣର ବୃଦ୍ଧି ଘଟିଛି। ଲୋକମାନଙ୍କୁ ବିଭିନ୍ନ ପ୍ରକାରରେ ଠକିବା ଲାଗି ଅପରାଧୀମାନେ ଅଭିନବ କୌଶଳ ବ୍ୟବହାର କରୁଥିବାରୁ ଠକେଇ ପରିମାଣ ବୃଦ୍ଧି ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କ ଠକେଇ ୩୦୦ ପ୍ରତିଶତ ବୃଦ୍ଧି ପାଇ ୩୬,୦୭୫ରେ ପହଞ୍ଚିଛି। ୨୦୨୨-୨୩ରେ ଦେଶରେ ୯୦୪୬ଟି ବ୍ୟାଙ୍କ ଠକେଇ ସାମ୍ନାକୁ ଆସିଥିଲା। ତେବେ ଗତବର୍ଷଗୁଡ଼ିକର ଠକେଇରେ ଯେତିକି ଟଙ୍କା ସଂପୃକ୍ତ ଥିଲା ତାହା ଏଥର ହ୍ରାସ ପାଇଛି। ୨୦୨୨-୨୩ରେ ଚିହ୍ନଟ ହୋଇଥିବା ଠକେଇରେ ୪୫,୩୫୮ କୋଟି ଟଙ୍କା ସମ୍ପୃକ୍ତ ଥିବା ବେଳେ ୨୦୨୩-୨୪ରେ ତାହା ୧୩,୯୩୦ କୋଟି ଟଙ୍କାକୁ ହ୍ରାସ ପାଇଛି ବୋଲି ରିଜର୍ଭ ବ୍ୟାଙ୍କର ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ଗତ ତିନି ବର୍ଷରେ ଘରୋଇ ବ୍ୟାଙ୍କଗୁଡ଼ିକରେ ଅଧିକ ସଂଖ୍ୟକ ଠକେଇ ଚିହ୍ନଟ ହୋଇଥିବା ବେଳେ ସରକାରୀ ବ୍ୟାଙ୍କଗୁଡ଼ିକରେ ଠକେଇରେ ଲିପ୍ତ ଥିବା ଟଙ୍କା ପରିମାଣ ଅଧିକ ରହିଛି। ଠକେଇର ବର୍ଗୀକରଣରୁ ଜଣାପଡ଼ିଛି ଯେ ଡିଜିଟାଲ୍ ଠକେଇ ଅଧିକ ଘଟିଛି। ବିଶେଷ କରି ଡିଜିଟାଲ୍ ପେମେଣ୍ଟ ଓ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗରେ ହୋଇଥିବା ଠକେଇ ମାତ୍ରା ଅଧିକ ରହିଛି। ଋଣରେ ଅଧିକ ଟଙ୍କାର ଠକେଇ ହୋଇଛି। କାର୍ଡ ଓ ଇଣ୍ଟରନେଟ୍ରେ ହେଉଥିବା କାରବାରରେ ସଂଖ୍ୟା ଦୃଷ୍ଟିରୁ ଅଧିକ ଠକେଇ ହୋଇଥିଲେ ମଧ୍ୟ, ଠକେଇରେ ଜଡ଼ିତ ଥିବା ଟଙ୍କା ପରିମାଣ କମ୍ ରହିଛି। ସରକାରୀ ବ୍ୟାଙ୍କରେ ଯେଉଁ ସବୁ ଠକେଇ ହୋଇଛି ତାହା ମୁଖ୍ୟତଃ ଋଣରେ ହୋଇଛି ବୋଲି ରିଜର୍ଭ ବ୍ୟାଙ୍କ ତଥ୍ୟରୁ ଜଣାପଡ଼ୁଛି। ରିପୋର୍ଟ ଅନୁସାରେ, ୨୦୨୨-୨୩ରେ ୧୫୫ କୋଟି ଟଙ୍କାର ୩୫୯୬ଟି ଠକେଇ ହୋଇଥିଲା। ୨୦୨୩-୨୪ରେ ଠକେଇ ସଂଖ୍ୟା ୨୯,୦୮୨କୁ (୭୦୮%) ବୃଦ୍ଧି ପାଇଥିବା ବେଳେ ସେଥିରେ ଜଡ଼ିତ ଥିବା ରାଶି ପରିମାଣ ୧୪୫୭ କୋଟି ଟଙ୍କା ହୋଇଛି। ଠକେଇଗୁଡ଼ିକୁ ଅନୁଶୀଳନ କରିବା ପରେ ରିଜର୍ଭ ବ୍ୟାଙ୍କ ଜାଣିବାକୁ ପାଇଛି ଯେ ଠକେଇ ହେବାର ସମୟ ଏବଂ ବ୍ୟାଙ୍କ ତରଫରୁ ତାହାକୁ ଚିହ୍ନଟ କରିବା ଭିତରେ ସମୟର ଏକ ବଡ଼ ଅନ୍ତର ରହିଛି।

# ଭୀଷ୍ମାଷ୍ଟମୀ, ଭୌମ ଏକାଦଶୀ ଓ ବ୍ୟାସ ସରୋବର ମେଳା



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ସମ୍ପାଦକ - ଭଗବତୀ ସାହିତ୍ୟ ସଂସଦ
ମୋବାଇଲ - ୮୨୪୯୫୦୨୭୭୬

ଦୁର୍ଯ୍ୟୋଧନର ବ୍ୟାସ ସରୋବର ପ୍ରବେଶ ଏବଂ ତତ୍ପରେ ଭୀମର ଗଦା ପ୍ରହାରରେ ଦୁର୍ଯ୍ୟୋଧନର ଉରୁଭଗ୍ନ ଉପାଖ୍ୟାନ ଅନୁଯାୟୀ ବ୍ୟାସନଗର, ଯାଜପୁର ରୋଡ଼ରେ ଅନୁଷ୍ଠିତ ହୋଇଥାଏ ବ୍ୟାସ ସରୋବର ମେଳା । ବ୍ୟାସନଗର ଉପକଣ୍ଠରେ ଏକ କ୍ଷୁଦ୍ର ସରୋବର ଅଛି । ଏହାକୁ କୁହାଯାଏ ବ୍ୟାସ ସରୋବର । ସରୋବର ନାମରୁ ସହରର ନାମ ହୋଇଛି ବ୍ୟାସନଗର । ପୂର୍ବେ ଏହା ଡୋଲିପୁର ନାମରେ ପରିଚିତ ଥିଲା । କିମ୍ବଦନ୍ତୀ ଅନୁସାରେ ମହର୍ଷି ବ୍ୟାସ ଦେବଙ୍କ ଐତିହ୍ୟ ପୀଠ ଥିଲା ବ୍ୟାସ ସରୋବର । ମହାମୁନି ବ୍ୟାସ ଏହି ସ୍ଥାନରେ ମହାକାବ୍ୟ ମହାଭାରତର ରଚନା କରି ଥିଲେ । ଲୋକ ମୁଖରେ ପ୍ରଚଳିତ ହୁଏ, ଅଠର ଦିନ ମହାଭାରତ ଯୁଦ୍ଧର ମୂକସାକ୍ଷୀ ଏହି ବ୍ୟାସ ସରୋବର । ସରୋବର ନିକଟରେ ଭୀମଙ୍କ ଗଦା ଆଘାତରେ କୁରୁବୀର ଦୁର୍ଯ୍ୟୋଧନଙ୍କ ଜାନୁ ଭଗ୍ନ ହୋଇଥିଲା । ବ୍ୟାସ ସରୋବର ନିକଟରେ ଏକ ବଉଳ ଗଛ ତଳେ ପଡ଼ିଛି ଜାନୁ ଆକୃତିର ଏକ ବଡ଼ ପ୍ରସ୍ତର, ଏହା ମାନି ଦୁର୍ଯ୍ୟୋଧନର ଭଗ୍ନଜାନୁ ବୋଲି ଲୋକ ମୁଖରେ କଥିତ ହୁଏ । କ୍ଷୁଦ୍ର କ୍ଷୁଦ୍ର ଝର ଦ୍ୱାରା ବ୍ୟାସ ସରୋବର ସବୁବେଳେ ଜଳ ପୂର୍ଣ୍ଣ ରହିଥାଏ । ଏହାକୁ ଗୁପ୍ତଗଙ୍ଗା ବୋଲି ଲୋକ ଅଭିହିତ କରନ୍ତି । ଏହି ପବିତ୍ର ପୀଠଟିରେ ନବ ବିବାହିତଙ୍କ ନୋଳ ମୁକୁଟ ଗୁଡିକ ବିସର୍ଜନ କରା ଯାଇଥାଏ । ପିଲାର ପ୍ରଥମ ମୁଣ୍ଡନ ମଧ୍ୟ ଏଠାରେ କରାଯାଏ । ବ୍ୟାସନଗର ମହାଭାରତ ଯୁଗର ଏକ ସଂସ୍କୃତି ପୀଠ ଭାବେ ପରଚିତ । ଭୌମ ଏକାଦଶୀ ଦିନ ବହୁବର୍ଷ ହେଲା ଏଠାରେ ବ୍ୟାସ ସରୋବର ମେଳା ଅନୁଷ୍ଠିତ ହୋଇଆସୁଛି । ଏହି ମେଳାକୁ ଜିଲ୍ଲା ତଥା ଜିଲ୍ଲା ବାହାରର ବହୁ ଦର୍ଶକ ଆସି ଗୁପ୍ତ ଗଙ୍ଗାରେ ସ୍ନାନ କରି ମହାପୁଣ୍ୟ ଅର୍ଜନ କରିଥାନ୍ତି ।

ମାଘ ମାସ ଶୁକ୍ଳପକ୍ଷ ଏକାଦଶୀକୁ ଭୀଷ୍ମ ଏକାଦଶୀ ଭାବେ ପାଳନ କରାଯାଏ । ଏହା ଜୟା ଏକାଦଶୀ ବା ଭୌମୀ ଏକାଦଶୀ ଭାବରେ ମଧ୍ୟ ପରିଚିତ । ଭୀଷ୍ମ ଏକାଦଶୀ ତିଥିରେ ବିଷ୍ଣୁ ସହସ୍ରନାମ ସ୍ତୋତ୍ରର ଜନ୍ମ ହେଇଥିବା କଥିତ ଅଛି । ଏହି ଦିନ ଉପବାସ ରହି ଭୀଷ୍ମଙ୍କୁ ସ୍ମରଣ ଏବଂ ସାରାଦିନ ବିଷ୍ଣୁସହସ୍ର ନାମ ସ୍ତୋତ୍ର ନାମ ଗାନ କଲେ ଭଗବାନଙ୍କ ଆଶୀର୍ବାଦ ମିଳେ । ଏହିଦିନ ବିଷ୍ଣୁଙ୍କୁ ପୂଜା ଓ ବନ୍ଦନା କରାଯାଏ । ମକର ସଂକ୍ରାନ୍ତି, ମାଘ ପୂର୍ଣ୍ଣିମା, ମହା ଶିବରାତ୍ରି ପରି ମହାକୁମ୍ଭର ଅନେକ ସ୍ନାନ ଦିବସ ମଧ୍ୟରେ ଭୀଷ୍ମ ଏକାଦଶୀ ଏକ ପବିତ୍ର ଦିନ ଯେଉଁ କୁମ୍ଭସ୍ନାନ କରାଯାଏ । ଓଡ଼ିଶାରେ ଏହି ଏକାଦଶୀ ଦିନ ସାକ୍ଷୀଗୋପାଳର ଶ୍ରୀଗୋପାଳଜୀଉଙ୍କ ଗଜଉଦ୍ଧାରଣ ବେଶ ହୋଇଥାଏ । ଯାଜପୁରରେ ବ୍ୟାସ ସରୋବର ମେଳା ଓ କଣ୍ଟିଲୋର ନୀଳମାଧବଙ୍କ ପୀଠରେ ଭୌମୀ ଏକାଦଶୀ ଯାତ୍ରା ଆରମ୍ଭ ହୁଏ। ହିନ୍ଦୁ ବିଶ୍ୱାସ ଅନୁଯାୟୀ ଏହି ଏକାଦଶୀର ନାମ ଜୟା ଓ ଏହି ଏକାଦଶୀ ବ୍ରତ କଲେ ପିଶାଚତ୍ୱ ନାଶହୁଏ । ଅର୍ଥାତ ଏହିଦିନ ଶୁଦ୍ଧ, ପବିତ୍ର ଭାବରେ ଉପବାସ ଓ ବିଷ୍ଣୁ ପୂଜନ କଲେ ମଣିଷ ମନରେ ଥିବା ଦୁଷ୍ଟ ପ୍ରବୃତ୍ତିର ବିଲୟ ଘଟେ । ଏହା ପିଶାଚତ୍ୱ ସମ୍ପର୍କରେ ଏକ କିମ୍ବଦନ୍ତୀ ରହିଛି। ପଦ୍ମ ପୁରାଣ ମତେ, ଏକଦା ସ୍ୱର୍ଗପୁରୀରେ ଇନ୍ଦ୍ରଙ୍କ ସମ୍ମୁଖରେ ଗନ୍ଧର୍ବ ଗାନ କରୁଥିଲେ ଏବଂ ଅପ୍ସରାମାନେ ନୃତ୍ୟ କରୁଥିଲେ । ଏହି ଆୟୋଜନରେ ପୁଷ୍ପବତୀ ନାମକ ଏକ ଗନ୍ଧର୍ବ କନ୍ୟା ଏବଂ ମାଲ୍ୟବାନ ନାମକ ଏକ ଯୁବକ ଥିଲେ । ସେ ଦୁହେଁ ପରସ୍ପରପ୍ରତି ମୋହମତ୍ତର ଥିଲେ । କାମ ବାଣ କାରଣରୁ ସେମାନେ ସ୍ଥାନ କାଳ ପାତ୍ର ପ୍ରତି ଅନ୍ଧ ଥିଲେ । ତାଙ୍କର ଟିକିଏ ସାଧାରଣ ବିଚାର ନଥିଲା ଯେ ସେମାନେ ଇନ୍ଦ୍ରଙ୍କ ସଭାରେ ନୃତ୍ୟ ଓ ସଂଗୀତ ପରିବେଷଣ କରୁଛନ୍ତି । ସଭାକଥା ଭୁଲି ଦୁହେଁ ଦୁହିଁଙ୍କ ପ୍ରତି ନିମନ୍ତ୍ରଣ ଦୃଷ୍ଟି ରଖୁଥିଲେ । ଏମିତିକି ମାଲ୍ୟବାନ ନିଜକୁ ଦିୱାନା ରୂପେ ସଜାଇ ଗାଉଥିବା ଗୀତକୁ ମଧ୍ୟ ଭୁଲିଯାଇଥିଲେ ଏବଂ ପୁଷ୍ପବତୀ ପ୍ରେମପାଗଳିନୀ ହେତୁ ନୃତ୍ୟର ତାଳମାନ ବି ଭୁଲି ଯାଉଥିଲେ । ଦେବରାଜ ଇନ୍ଦ୍ର ଭରପୁର ସଭାରେ ସେମାନଙ୍କ ଆଚରଣ ଦେଖି କ୍ରୋଧିତ ହୋଇ ସେମାନଙ୍କୁ ଅଭିଶାପ ଦେଲେ ଯେ ସେ ଦୁହେଁ ପିଶାଚ ଯୋନି ପ୍ରାପ୍ତ କରନ୍ତୁ । ଏତିକି କହି ସେ ସେମାନଙ୍କୁ ସ୍ୱର୍ଗଚ୍ୟୁତ କଲେ । ସେ ଦୁହେଁ ସ୍ୱର୍ଗାରୋହଣ ଦ୍ୱାର ଦେଇ ହିମାଳୟର ବଦ୍ରୀନାଥରେ ପହଞ୍ଚି ସେହି ହିମାଳୟ ଧାମରେ ନିବାସ କଲେ । ସେଠି ଏତେ କଷ୍ଟପାଇଲେ ଯେ ଜୀବନଟା କେମିତି ଉଦାସ ମନେହେଲା । ସୌଭାଗ୍ୟକୁ ଏହି ଏକାଦଶୀ ଦିନ ଦୁହେଁ ଜୀବହିଂସା କଲେ ନାହିଁ । ଖାଦ୍ୟ ଓ ଜଳ ସ୍ପର୍ଶ ବି କଲେ ନାହିଁ ଏବଂ ରାତ୍ରି ଉଜାଗର ରହିଲେ । ଫଳରେ ତାଙ୍କର ପାପ କ୍ଷୟ ହୋଇଗଲା । ସେମାନଙ୍କୁ ସୂଚାଇ ଦିଆଗଲା ଯେ ଯେଉଁଦିନଟି ସେମାନେ ଉପାସରେ ରହି ରାତ୍ରୀ ଉଜାଗର ଥିଲେ, ସେଦିନଟି ଥିଲା ଭୈମୀ ବା ଜୟା ଏକାଦଶୀ । ଏହି ଏକାଦଶୀ କାରଣରୁ ତାଙ୍କ ମୁକ୍ତିର ବାଟ ଫିଟିଗଲା । ଅଲକ୍ଷ୍ୟରେ ଏକାଦଶୀରେ ବ୍ରତ କରି ପୂଣ୍ୟ ଅର୍ଜନ କରିଥିଲେ ଏବଂ ପରଦିନ ନିଜ ଶରୀର ଫେରି ପାଇ ସ୍ୱର୍ଗରେ ବାସ କଲେ । କୌରବ ବଂଶର ଶ୍ରେଷ୍ଠ ତଥା ଯୋଦ୍ଧା, ଜ୍ଞାନୀ, ରାଜଧର୍ମର ଶ୍ରେଷ୍ଠ ପଣ୍ଡିତ ପିତାମହ ଭୀଷ୍ମ ପାଣ୍ଡବମାନଙ୍କୁ ଏହିଦିନ ବିଷ୍ଣୁ ସହସ୍ରନାମ ସ୍ତୋତ୍ର ଶିଖେଇଥିଲେ । କୌରବଙ୍କୁ ଯୁଦ୍ଧରେ ପରାସ୍ତକରିବା ଲାଗି କିଛି କୌଶଳ ଶିକ୍ଷାଦେବା ସକାଶେ ପାଣ୍ଡବଙ୍କ ଜ୍ୟେଷ୍ଠଭ୍ରାତା ଯୁଧିଷ୍ଠିର ଶରଶର୍ଯ୍ୟାରେ ଥିବା ଭୀଷ୍ମଙ୍କୁ ନିବେଦନ କରିଥିଲେ । ବିଷ୍ଣୁ ସହସ୍ରନାମ ସ୍ତୋତ୍ର ଜରିଆରେ ଭୀଷ୍ମ ଭଗବାନ ଶ୍ରୀକୃଷ୍ଣଙ୍କର ମହିମା ସମ୍ପର୍କରେ ଅବଗତ କରାଇଥିଲେ । ତା ପରଠୁ ଏହି ସ୍ତୋତ୍ରଗାନ କରି ପାଣ୍ଡବମାନେ ମହାଭାରତ ଯୁଦ୍ଧରେ ବିଜୟୀ ହୋଇଥିଲେ ।ଏତଦବ୍ୟତୀତ ମହାମୁନି ବ୍ୟାସଦେବ ଏଠାରେ ମହାଭାରତର ଶେଷପର୍ବ ରଚନା କରିଥିବାର ଲୋକକଥା ରହିଛି। ଏହି ପୀଠ ହେଉଛି ମହର୍ଷି ବ୍ୟାସଦେବଙ୍କ ପରମ ଉପାସକ ରାଘବ ଜୀଉଙ୍କ ସାଧନା ପୀଠ। ପୀଠର ପୌରାଣିକ କିମ୍ବଦନ୍ତୀକୁ ଉଜ୍ଜୀବିତ ରକିବା ନିମନ୍ତେ କାହିଁ କେଉଁ ଆବାହମାନ କାଳରୁ ମହର୍ଷି ବ୍ୟାସ ଏବଂ ଭକ୍ତ ରାଘବଜୀଉ ଏଠାରେ ଏକତ୍ର ପୂଜା ପାଇବାର ନିଆରା ପରାମ୍ପରା ରହିଛି। ମହାଭାରତ ଅନ୍ୟ ଏକ ତଥ୍ୟ ଅନୁଯାୟୀ ପରମବୀର ଭୀମ ଯୁଦ୍ଧରେ ଜୟଲାଭ କରିବା ନିମନ୍ତେ ୨୪ ଗୋଟି ଏକାଦଶୀ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଖାଦ୍ୟ ପ୍ରିୟ ଭୀମ ଭୋକ ସମ୍ବରଣ କରିନପାରିବାରୁ ମହାମୁନୀ ବ୍ୟାସଦେବଙ୍କ ଶରଣାଗତ କଲେ। ବ୍ୟାସଦେବ ତାଙ୍କୁ ୨୪ ଗୋଟି ଏକାଦଶୀ ପାଳନ କରିବା ପରିବର୍ତ୍ତେ ଗୋଟିଏ ଏକାଦଶୀ (ଭୌମ ଏକାଦଶୀ )ପାଳନକରିବାକୁ ଆଜ୍ଞାଦେଲେ। ପରବର୍ତ୍ତୀ ସମୟରେ ଏହି ଏକାଦଶୀ ପାଣ୍ଡବ ନିର୍ଜଳ ଏକାଦଶୀ ନାମରେ ଖ୍ୟାତ ହେଲା। ପ୍ରତିବର୍ଷ ଏହି ଦିନରେ ଆରମ୍ଭ ହୋଇଥାଏ ଯାଜପୁରର ପ୍ରସିଦ୍ଧ ବ୍ୟାସସରୋବର ମେଳା ଏବଂ ମହୋତ୍ସବ। ମାତ୍ର କରୋନା କଟକଣା ନିମନ୍ତେ ବ୍ୟାସ ସରୋବର ମେଳା ସମେତ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବ୍ୟାସନଗର ପ୍ରଶାସନ ପକ୍ଷରୁ ବାତିଲ କରିଦିଆଯାଇଛି। କେବଳ ଭକ୍ତମାନେ ଏହି ପୀଠକୁ ଆସି ଦିଅଁଙ୍କ ଦର୍ଶନ କରିବା ସହିତ ପବିତ୍ର ଗୁପ୍ତ ଗଙ୍ଗାର ଜଳ ସିଂଚି ହୋଇ ପୂଣ୍ୟ ଅର୍ଜନ କରୁଛନ୍ତି। ବିଶ୍ୱାସ ରହିଛି ଏଠାରେ ଯାହା ମନୋସ୍କାମନା କରାଯାଏ ତାହା ଅବିଳମ୍ବେ ପୂରଣ ହୋଇଥାଏ।

ଯାଜପୁର ଜିଲ୍ଲା ବ୍ୟାସନଗର ସହର ଉପକଣ୍ଠରେ ରହିଥିବା ପୂରାଣ ପ୍ରସିଦ୍ଧ ବ୍ୟାସ ସରୋବର ପୀଠଟି ଶୁଦ୍ରମୁନୀ ସାରଳା ଦାସଙ୍କ ରଚିତ ଓଡ଼ିଆ ମହାଭାରତର ସାରଦା ଉପାଖ୍ୟାନରେ ଏହୀ ପୀଠର ମାହାତ୍ମ୍ୟ ସମ୍ପର୍କରେ ବର୍ଣ୍ଣନା ରହିଛି। ପାଣ୍ଡବଙ୍କ ପରାକ୍ରମ ନିକଟରେ ପରାଜୟ ବରଣ କରିବା ପରେ ଦୁର୍ଯ୍ୟୋଧନ ଏଠାରେ ଥିବା ଗୁପ୍ତ ଗଙ୍ଗାରେ ଲକ୍ଷ୍ମୀଙ୍କ କୋଳରେ ଲୁଚି ରହିଥିଲେ । ଭୀମଙ୍କ ରଡି ସହି ନପାରି ସେ ଯୁଦ୍ଧ କ୍ଷେତ୍ରକୁ ବାହାରି ଆସିଥିଲେ ଏବଂ ଏହିଠାରେ ନିଧନ ହୋଇଥିଲେ ବୋଲି ବିଶ୍ୱାସ ରହିଛି । ବିଶ୍ୱାସ କରାଯାଏ ବ୍ୟାସଦେବ ଏହିଠାରେ ମହାଭାରତର ଶେଷପର୍ବ ରଚନା କରିଥିଲେ । ଏହି ପୀଠ ହେଉଛି ବ୍ୟାସ ଦେବଙ୍କ ପରମ ଭକ୍ତ ଓ ଉପାସକ ରାଘବଜୀଉଙ୍କ ସାଧନା ସ୍ଥଳୀ । ସେ ଏଠାରେ ସମାଧୀ ମଧ୍ୟ ନେଇଥିଲେ । ସେହି ପୌରାଣିକ କିମ୍ବଦନ୍ତୀକୁ ଉଜ୍ଜୀବିତ ରଖିବା ପାଇଁ କାହିଁ କେଉଁ କାଳରୁ ମହର୍ଷି ବ୍ୟାସଦେବ ଓ ଭକ୍ତ ରାଘବଜୀଉଙ୍କର ଏଠାରେ ଏକତ୍ର ଭାବେ ପୂଜା କରାଯିବାର ନିଆରା ପରମ୍ପରା ରହିଆସିଛି । କାହିଁ କେତେ ପୂରାଣ କାଳରୁ ଯାଜପୁରର ପ୍ରସିଦ୍ଧ ବ୍ୟାସ ପୀଠରେ ଚାଲିଆସିଛି ବ୍ୟାସ ସରୋବର ମେଳା । ନିକଟ ଅତୀତରେ ମନ୍ଦିରରେ ଚାଲିଥିଲା ମହର୍ଷି ବ୍ୟାସଦେବ ଓ ଭକ୍ତ ରାଘବ ଜୀଉଙ୍କ ପୂଜାର୍ଚ୍ଚନା । ଗୋଟିଏ ମନ୍ଦିରରେ ଗୁରୁ ଏବଂ ଉପାସକଙ୍କୁ ଏକତ୍ର ପୂଜା କରିବାର ଏ ହେଉଛି ଏକ ନିଆରା ପରମ୍ପରା । ଚଳିତ ବର୍ଷ ଭୌମ ବା ବଡ ଏକାଦଶୀରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏଠାକୁ ଆସି ଠାକୁର ଦର୍ଶନ କରିବା ସହ ଗୁପ୍ତଗଙ୍ଗାର ଜଳ ସିଂଚନ କରି ପୁଣ୍ୟ ଅର୍ଜ୍ଜନ କରଛନ୍ତି । ସେପଟେ ବ୍ୟାସଭୂମି ମହିମା ଆଶ୍ରମରେ ମହିମା ଧର୍ମର ସନ୍ଥ ମାନଙ୍କ ଦ୍ୱାରା ଅଖଣ୍ଡ ଧ୍ୱନି ମଧ୍ୟ ହେଉଥିବାର ଦେଖିବାକୁ ମିଳିଥିଲା। ଠାକୁରଙ୍କ ସାନିଧ ଲାଭ କରିବାକୁ ଦୂରଦୂରାନ୍ତରୁ ଆବାଳ ବୃଦ୍ଧ ବନୀତା ସବୁ ଏଠି ଏକାକାର ହୋଇଥିଲେ । ମାଘ ମାସ ବଡ଼ ଏକାଦଶୀରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏଠାକୁ ଆସି ଠାକୁର ଦର୍ଶନ କରିବା ସହ ଗୁପ୍ତଗଙ୍ଗାର ଜଳ ସିଂଚନ କରି ପୂଣ୍ୟ ଅର୍ଜନ କରନ୍ତି । ବିଶ୍ୱାସ ରହିଛି ଏହି ଗୁପ୍ତଗଙ୍ଗାରେ ବୁଡ ପକାଇ ଏଠାରେ ଯାହା ମନୋସ୍କାମନା କରାଯାଏ ତାହା ଅବିଳମ୍ବେ ପୂରଣ ହୁଏ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**
**ଓଁ ନାମ ମହାତ୍ମ୍ୟ**



ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଳଟିବ (୧୭୫)
(କ୍ରମଶଃ)

# ଓଡ଼ିଆ ଆତ୍ମଜୀବନୀ ସାହିତ୍ୟରେ 'ମୋ ଅକୁହା କାହାଣୀ'



ହିମାଂଶୁ ଶେଖର ଆଚାର୍ଯ୍ୟ
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

କୁହାଯାଏ - ଆତ୍ମଜୀବନୀ ଜଣେ ବ୍ୟକ୍ତି ଚରିତ୍ରର ତାତ୍ପର୍ଯ୍ୟପୂର୍ଣ୍ଣ ଘଟଣାର କଳାତ୍ମକ ପରିପ୍ରକାଶ । ଆଉ କେହି ଏହାକୁ ଆତ୍ମଶ୍ଳାଘାର ପରିଚାୟକ ବୋଲି କହିଥାନ୍ତି । ସେ ଯାହା ହେଉନା କାହିଁକି ସାହିତ୍ୟରେ ଆତ୍ମଜୀବନୀ ସାହିତ୍ୟର ଗୁରୁତ୍ୱକୁ ଏଡାଇ ହେବ ନାହିଁ ତଥାପି ଓଡିଆ ସାହିତ୍ୟରେ ଆତ୍ମଜୀବନୀ ସାହିତ୍ୟ ଖୁବ୍ କମ୍ ପରିଦୃଷ୍ଟ ହୋଇଥାଏ । ବିଂଶ ଶତାବ୍ଦୀର ପଚାଶ ଦଶକ ପରଠାରୁ ବିଭିନ୍ନ ବିଭାଗର ପ୍ରତିଷ୍ଠା ଲାଭ କରିଥିବା ପ୍ରତିଭାଧାରୀ ବ୍ୟକ୍ତିତ୍ୱମାନେ ଆତ୍ମଜୀବନୀ ଲେଖିବା ସହ ଏହି ବିଭାଗକୁ ଋଦ୍ଧିମନ୍ତ କରିପାରିଛନ୍ତି । ପ୍ରଥମେ କରି ବ୍ୟାସକବିଙ୍କ ଫକୀରମୋହନଙ୍କ ଆତ୍ମଜୀବନୀ "ଆତ୍ମଚରିତ" ଏକ ସ୍ୱତନ୍ତ୍ର ସ୍ଥାନ ଦାବି କରେ । ସେହିପରି ସାର୍ଥକ ଓ ସଫଳ ଆତ୍ମଜୀବନୀ ରୂପେ ସତ୍ୟବାଦୀ ଯୁଗର ଅନ୍ୟତମ ସଖା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ "ଅର୍ଦ୍ଧ ଶତାବ୍ଦୀର ଓଡିଶା ଓ ତହିଁରେ ମୋ ସ୍ଥାନ", ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ "ସାଧନାର ପଥେ" ଓ ଆହୁରି ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଆତ୍ମଜୀବନୀର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି । କେବଳ ସାହିତ୍ୟିକମାନେ ନୁହନ୍ତି, ବୈଜ୍ଞାନିକ, ସମାଜସେବୀ, ଜନନେତା, ଚିତ୍ରଶିଳ୍ପୀ ଓ ସର୍ବୋପରି ପ୍ରତିଷ୍ଠିତ ରାଜନେତାମାନେ ଓଡିଆ ଆତ୍ମଜୀବନୀ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ସମର୍ଥ ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ଓଡିଶାର କିମ୍ବଦନ୍ତୀ ପୁରୁଷ, ପ୍ରଖ୍ୟାତ ରାଜନୀତି ବିଶାରଦ ଓ ପ୍ରବୀଣ ଶିକ୍ଷାବିତ୍ ଡଃ ଶ୍ରୀରାମଚନ୍ଦ୍ର ଦାଶଙ୍କ ଆତ୍ମଜୀବନୀ "ମୋ ଅକୁହା କାହାଣୀ" ଏକ ସଫଳ ସୃଷ୍ଟି ଅଟେ । ପୁସ୍ତକର ଆରମ୍ଭରେ ଡଃ ଦାଶ ଲେଖିଛନ୍ତି - 'ମୋ ଅକୁହା କାହାଣୀ' ମୋ ଆତ୍ମଜୀବନୀ । କେତେକ ଲୋକ ଭାବିପାରନ୍ତି, ମୁଁ ତ ଏତେ ବଡ ଲୋକ ନୁହେଁ କି ମୋ ଜୀବନ ଏତେ ଘଟଣା ବହୁଳ ନୁହେଁ । ମୁଁ ଜଣେ ସାମାନ୍ୟ ଶିକ୍ଷକ । ଶ୍ରେଣୀରେ ପାଠ ପଢାଉଥିଲି । ଏହାତ ଗୋଟିଏ ସାଧାରଣ ଘଟଣା । ହଜାର ହଜାର ଶିକ୍ଷକ ଅଛନ୍ତି । ମୋର କ'ଣ ବିଶେଷତ୍ୱ ଅଛି ଯେ, ମୁଁ ଗୋଟିଏ ଆତ୍ମଜୀବନୀ ଚରିତ ଲେଖି ମୋ ବଡଲୋକୀ ଜାହିର କରିବାକୁ ବାହାରିଛି ? ଏଭଳି ପ୍ରଶ୍ନ ଉଠିବା ସ୍ୱାଭାବିକ୍ । ମୁଁ ସାଧାରଣ ଲୋକଙ୍କ ମଧ୍ୟରେ ଜଣେ ଅତି ସାଧାରଣ ବ୍ୟକ୍ତି । ତେଣୁ, ଆତ୍ମଜୀବନୀ ଲେଖିବା ପୂର୍ବରୁ ବହୁବାର ଏ ବିଷୟରେ ଚିନ୍ତା କରିଅଛି । ଏକଥା ମଧ୍ୟ କହିଛନ୍ତି ଓଡିଶାର କୋଣ ଅନୁକୋଣରୁ ମୋର ବହୁ ଶୁଭେଚ୍ଛୁ ଓ ବନ୍ଧୁମାନଙ୍କ ଅନୁରୋଧ କ୍ରମେ ଓ 'ସହକାର' ପତ୍ରିକାର ସମ୍ପାଦକ ବିଚିତ୍ରାନନ୍ଦ କରଙ୍କ ଧର୍ମପତ୍ନୀ ରମା କରଙ୍କ ଅନୁରୋଧ କ୍ରମେ ମୁଁ ଆତ୍ମଜୀବନୀ ଲେଖିବାକୁ ପ୍ରୟାସ କଲି।

ଏଠାରେ ଉଲ୍ଲେଖ କରାଯାଇପାରେ କି, ଓଡିଆ ଆତ୍ମଜୀବନୀ ସାହିତ୍ୟକୁ ଜଗତସିଂହପୁର ଅବଦାନ କୌଣସି ଗୁଣରେ କମ୍ ନୁହେଁ । ଓଡିଶାର ସାରସ୍ୱତ ଜଗତକୁ ଏ ମାଟିର ଅବଦାନ ସର୍ବଜନ ବିଦିତ । ଏ ମାଟିର ବିଶ୍ୱବିଖ୍ୟାତ ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜାଙ୍କ ଆତ୍ମଜୀବନୀ 'ମୋର ଛାତ୍ର ଜୀବନ', ସୁନାମଧନ୍ୟ ସାହିତ୍ୟିକ ଚିତ୍ତରଞ୍ଜନ ଦାସଙ୍କ ମିତ୍ରସ୍ୟ ଚକ୍ଷୁସା, ବାଗ୍ମୀ ହୃଦାନନ୍ଦ ରାୟଙ୍କ 'ଜାଣେ ଅନୁଭବି ଅନୁଭବରେ', ଉତ୍କଳର ମା' ରମାଦେବୀଙ୍କ 'ଜୀବନ ପଥେ', ମନମୋହନ ଚୌଧୁରୀଙ୍କ 'କସ୍ତୁରୀ ମୃଗସମ', ଅନ୍ନପୂର୍ଣ୍ଣା ମହାରଣାଙ୍କ 'ଅମୃତ ଅନୁଭବ' ଓ ପ୍ରତିଭା ରାୟଙ୍କ 'ପଦ୍ମପତ୍ରରେ ଜୀବନ' ଓଡିଆ ଆତ୍ମଜୀବନୀ ସାହିତ୍ୟର ଗୋଟିଏ ଗୋଟିଏ ଅମୂଲ୍ୟ ଗ୍ରନ୍ଥ । ଏଗୁଡିକ ଓଡିଶାର ପାଠକ ସମାଜ ପାଇଁ ପ୍ରେରଣାର ଉତ୍ସ ହୋଇ ସର୍ବଦା ରହିବ । ମାତ୍ର ଡଃ ଦାଶଙ୍କ ଆତ୍ମଜୀବନୀ ସବୁ ଦୃଷ୍ଟିରୁ ଏକ ନିଆରା ପ୍ରାମାଣିକ ଦସ୍ତାବିଜ୍ । ଜୀବନର ଘାତ-ପ୍ରତିଘାତ, ସଂଘାତ-ସଂଘର୍ଷ ଓ ପ୍ରତିକୂଳ ପରିସ୍ଥିତିରେ ସଂଗ୍ରାମ କରି କିପରି ସମାଜରେ ପ୍ରତିଷ୍ଠା ଅର୍ଜନ କରିହେବ ତାହାର ଏକ ନିଚ୍ଛକ ଉଦାହରଣ ଓ ସବୁ ସମୟରେ ଏହା ଅନ୍ୟମାନଙ୍କୁ ପ୍ରଚୋଦିତ କରିବ ଏକଥା ନିଃସନ୍ଦେହରେ କୁହାଯାଇପାରେ । ଏହାକୁ ଯେତେ ପାଠ କଲେ ଆହୁରି ପଢିବାର ଇଚ୍ଛା ବଳବତ୍ତର ହୁଏ । ଜୀବନ ସଂଗ୍ରାମର ବହୁ ଯୁଦ୍ଧରେ ଏକାକୀ ଯୋଦ୍ଧା ସାଜି ବହୁ ବନ୍ଧନ ଓ ପ୍ରତିବନ୍ଧକକୁ ପ୍ରତିହତ କରି ଡଃ ଦାଶଙ୍କ ବ୍ୟକ୍ତିତ୍ୱ କିପରି ସମୁଜ୍ଜ୍ୱଳ ହୋଇପାରିଛି, ତାହା ଅତି ସୁନ୍ଦର ଭାବେ ଏଥିରେ ଅବତାରଣା ହୋଇଛି ।

ଆଲୋଚ୍ୟ ଆତ୍ମଜୀବନୀରେ ମୋଟ ୩୬ଟି ପରିଚ୍ଛଦ ସ୍ଥାନିତ ହୋଇଛି । ବାଲ୍ୟଜୀବନ ଠାରୁ ଆରମ୍ଭ କରି ସ୍କୁଲ ଶିକ୍ଷା, କଲେଜ ଶିକ୍ଷା, ଚାକିରି ଜୀବନ, ଓକିଲାତି ପେଶା, ବିଦେଶ ଯାତ୍ରା ଓ ରାଜନୀତି ଜୀବନର ବହୁ ଅକୁହା କଥା ଅତି ସୁନ୍ଦର ଭାବେ ଚିତ୍ରଣ କରାଯାଇଛି । ଯେଉଁଥିରେ ରହିଛି ଆବେଗ, ଉତ୍କଣ୍ଠା ଓ ସମ୍ବେଦନଶୀଳତାର ବାସ୍ତବ ଚିତ୍ର । ଯାହାକୁ ପଢିଲେ ପାଠକେ ରୋମାଞ୍ଚିତ ହୁଅନ୍ତି, ଆମୋଦିତ ହୁଅନ୍ତି ଓ ବିସ୍ମିତ ମଧ୍ୟ ହୁଅନ୍ତି । ଜଣେ ରାଜନୀତି ବିଜ୍ଞାନ ବିଶାରଦ, ଜଣେ ବାଗ୍ମୀ ରୂପେ ସେ କେବଳ ଆମ ରାଜ୍ୟ ବା ଜିଲ୍ଲା ନୁହେଁ ସମଗ୍ର ଭାରତବର୍ଷରେ ପ୍ରସିଦ୍ଧି ଲାଭ କରିଥିଲେ । ବିଶେଷ କରି ସେ ସର୍ବଦା ଅପ୍ରିୟ ସତ କଥା କହୁଥିଲେ ଓ ଏଥିପାଇଁ ଅନେକଙ୍କ ଆକ୍ରୋଶର ଶିକାର ହୋଇଥିଲେ ମଧ୍ୟ, ସେ ତାଙ୍କ ଚରିତ୍ରର ଏହି ଗୁଣଟି ଛାଡି ପାରିନଥିଲେ । ସେଥିପାଇଁ ସେ ମୋ ଅକୁହା କାହାଣୀରେ ଲେଖିଛନ୍ତି- "ଜୀବନ ଗୋଟିଏ ମହାସମୁଦ୍ର । ଏହି ସମୁଦ୍ରରେ ଲହରୀ ଉଠେ । ଉକ୍ତ ଲହରୀକୁ କେହି ଗଣି ପାରିବେ ନାହିଁ କିମ୍ବା ପତନୋନ୍ମୁଖୀ ଜଳରୁ ଜଳୀୟ ବିଦ୍ୟୁତ୍ ଆହରଣ କରିବା ପରି ସମୁଦ୍ର ଲହରୀରୁ କେହି ବିଦ୍ୟୁତ୍ ଶକ୍ତି ସଂଗ୍ରହ କରିପାରିବେ ନାହିଁ । ତଥାପି ସମୁଦ୍ର ମଧ୍ୟରେ ବହୁ ମୂଲ୍ୟବାନ ସମ୍ପଦ ରହିଛି ବୋଲି କେହି ଅସ୍ୱୀକାର କରିପାରିବେ ନାହିଁ । ଠିକ୍ ସେହିପରି ମୋ ଜୀନନର ଉର୍ମିମାଳାକୁ ମୁଁ ବର୍ଣ୍ଣନା କରିବା ଅବସ୍ଥାରେ ନାହିଁ ।" ସର୍ବୋପରି ଦେଖିବାକୁ ଗଲେ ଡଃ ଦାଶଙ୍କ ଆତ୍ମକଥା "ମୋ ଅକୁହା କାହାଣୀ" ଏକ ସ୍ୱୟଂ ସମ୍ପୂର୍ଣ୍ଣ ଆତ୍ମକାହାଣୀ । ଓଡିଆ ଆତ୍ମଜୀବନୀ ସାରସ୍ୱତ ଭଣ୍ଡାରରେ ଏକ ଉଜ୍ଜ୍ୱଳମଣି ସଦୃଶ ଚିର ଜାଜ୍ଜୁଲ୍ୟମାନ ହେଉଥିବ । ଆଜି ସେହି ପ୍ରଣମ୍ୟ ପୁରୁଷଙ୍କ ପ୍ରତି ମୋର ପ୍ରଣତି ବାଢି ବିଶ୍ୱନିୟନ୍ତାଙ୍କ ପାଖରେ ପ୍ରାର୍ଥନା କରୁଛି ତାଙ୍କ ଆଶିଷ ବାରି ସଦା ଆମ ମଥାରେ ଝରିପଡୁ । ତାଙ୍କ ଆଶୀର୍ବାଦ ଏ ଜାତିର ନନ୍ଦିଘୋଷ ରଥକୁ ଆହୁରି ଆଗକୁ ନେଉ ।

# ମୁଁ କ'ଣ କରିବି



ଡ. ସୀତାକାନ୍ତ ତ୍ରିପାଠୀ
ଭଦ୍ରକ
ମୋ-୯୭୭୮୭୬୪୩୯୪
tripathysk1947@gmail.com

ଥରେ ଗୋଟିଏ ଘରୋଇ ବିଦ୍ୟାଳୟର ମାଲିକ, ଛାତ୍ରଛାତ୍ରୀ ମାନଙ୍କ ପରୀକ୍ଷା ଫଳାଫଳର ବିଶ୍ଳେଷଣ ହେଉଥିବା ସମୟରେ ଏଥିରେ ନିମ୍ନ ପ୍ରଦର୍ଶନଏବଂ ଅକୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ବିଷୟରେ ଅଧ୍ୟକ୍ଷଙ୍କ ଠାରୁ ବିଶଦ ବିବରଣୀ ଚାହିଁଲେ । ତତ୍କ୍ଷଣାତ ଉକ୍ତ ଅଧ୍ୟକ୍ଷ ଜଣକ ଏ ସମ୍ପର୍କରେ ବିଭିନ୍ନ ବିଷୟ ପଢ଼ାଉଥିବା ଶିକ୍ଷକ ମାନଙ୍କୁ ଡାକି ଜଣ ଜଣ କରି ଏହାର କାରଣ ପଚାରିଲେ । ଶିକ୍ଷକମାନେ ମଧ୍ୟ ନିଜ ନିଜର ଚିରାଚରିତ ସଫେଇ ଦେବା ଆରମ୍ଭ କଲେ । ମୁଖ୍ୟତଃ ସେମାନେ ଛାତ୍ରଛାତ୍ରୀ ମାନଙ୍କର ଶ୍ରେଣୀରେ ଅନୁପସ୍ଥିତି, ଅମନଯୋଗୀ ପାଠପଢ଼ା, ଅଭିବାବକ ମାନଙ୍କର ଦାୟିତ୍ୱ ହୀନତା, ବିଶୃଙ୍ଖଳିତ ଆଚରଣ, ପ୍ରଶ୍ନପତ୍ରର ଜଟିଳତା ସର୍ବୋପରି ନାମ ଲେଖା ସମୟରେ ଛାତ୍ରଛାତ୍ରୀ ମାନଙ୍କର କୌଣସି ପରୀକ୍ଷା ନ କରାଇ ସିଧା ସଳଖ ଗ୍ରହଣ କରିନେବା ଉପରେ ଦୋଷାରୋପ କଲେ । ତା'ପରେ ଅଭିବାବକ ମାନଙ୍କର ମିଟିଙ୍ଗ୍ ଡକାଗଲା । ସେମାନଙ୍କର ପିଲା ମାନଙ୍କର ଆଚରଣ ତଥା ପରୀକ୍ଷାରେ ନିମ୍ନ ପ୍ରଦର୍ଶନ ଉପରେ ସେମାନଙ୍କୁ ସୂଚନା ଦିଆଯିବା ସହିତ ତାଗିଦ୍ କରି କୁହାଗଲା ଯଦି ଆପଣ ମାନଙ୍କର ପିଲାର କୌଣସି ସୁଧାର ନଆସେ ଆମେ ଆପଣଙ୍କ ପିଲା ମାନଙ୍କୁ ଆଉ ରଖି ପଢ଼ାଇ ପାରିବୁ ନାହିଁ । ଉକ୍ତ ଅଭିବାବକ ମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଉତ୍ତର ଥିଲା, ଆଜ୍ଞା ! ଆପଣ ମାନଙ୍କ ପାଖରେ ଆମେ ପିଲା ମାନଙ୍କୁ ଛାଡିଛୁ । ଆପଣମାନେ ଯାହା କରିବେ ; ଦଣ୍ଡ ଦେଇ ପାରିବେ, ଫେଲ୍ କରିପାରିବେ, ସେମାନଙ୍କୁ ଉପଯୁକ୍ତ ପରାମର୍ଶ (କାଉନ୍ସେଲିଂ) କରିପାରିବେ ଇତ୍ୟାଦି ଇତ୍ୟାଦି ... । କହିବା ବାହୁଲ୍ୟ, ସେମାନେ ସମ୍ପୃକ୍ତ ବିଦ୍ୟାଳୟ ମାଲିକଙ୍କର ଲାଭଖୋର ମନୋବୃତ୍ତି, ସରକାର ବିଦ୍ୟାଳୟ ପରିସରକୁ ଦଣ୍ଡ ମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିବା ତଥା ବିଭିନ୍ନ ଶ୍ରେଣୀରେ ପାସ୍ ଫେଲର କୌଣସି ମାନେ ନଥିବା କଥା ସେମାନଙ୍କୁ ପ୍ରାୟତଃ ଜଣାଥିଲା । ଅନ୍ୟ ପକ୍ଷରେ ସ୍କୁଲ ମାଲିକଙ୍କର ଯୁକ୍ତି ଥିଲା ଯଦି କେବଳ ଧିର, ସ୍ଥିର ତଥା ମେଧାବୀ ପିଲାଙ୍କର ନାମ ଲେଖାଯିବ ତା'ହେଲେ ଯେ କୌଣସି ଶିକ୍ଷକ ଭଲ ରେଜଲ୍ଟ କରି ଦେଖାଇବେ । ତେଣୁ ବର୍ତ୍ତମାନ କାମ କରୁଥିବା ଅଧ୍ୟକ୍ଷ ଏବଂ ଶିକ୍ଷକଙ୍କର କାମ କ'ଣ ?

ଯଦି ଏ ସମସ୍ତ କଥାକୁ ସୂକ୍ଷ୍ମ ଦୃଷ୍ଟିରେ ଦେଖାଯାଏ । ତା'ହେଲେ ସ୍କୁଲ ମାଲିକଙ୍କ ଠାରୁ ଅଭିବାବକ ମାନଙ୍କ ପର୍ଯ୍ୟନ୍ତ ସମସ୍ତେ 'ମୁଁ କ'ଣ କରିବି' ବା 'ଆମେ କ'ଣ କରିବୁ' ଭଳି ଚିନ୍ତାଧାରା ମଧ୍ୟରେ ସିମୀତ ରହିଥିବା ଭଳି ମନେ ହୁଏ । କିନ୍ତୁ ସେଠାରେ 'ମୁଁ' କିମ୍ବା 'ଆମେ' କ'ଣ କରିବା ଦରକାର ବା ଆବଶ୍ୟକ ଏବଂ କ'ଣ କଲେ ଅନ୍ତତଃ ସମସ୍ୟାର ଆଶୁ ତଥା ସଫଳ ସମାଧାନ ହୋଇପାରିବ ସେ ବିଷୟରେ ମିଳିତ ଚିନ୍ତା କରିବାର ପ୍ରୟାସ, ଖୁବ୍ କମ୍ ଦେଖାଯାଇଥାଏ । କାରଣ' ସମସ୍ତେ ଅନ୍ୟ ମୁଣ୍ଡରେ ଅଠା ବୋଳିଦେଇ ନିଜକୁ ଶୁଦ୍ଧ ସୁବର୍ଣ୍ଣ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟକ୍ତି ଭାବେ ପ୍ରମାଣିତ କରିବା ପାଇଁ ପ୍ରୟାସ କରିଥାନ୍ତି । ଏହାର କାରଣ ଅନୁଧ୍ୟାନ କଲେ ଜଣାଯାଏ 'ମୁଁ କ'ଣ କରିବି' ବା ଆମେ କ'ଣ କରିବୁ କହୁଥିବା ଲୋକମାନଙ୍କୁ ସଠିକ ଉତ୍ତର ଦେବା ବା ପଥ ପ୍ରଦର୍ଶନ କରୁଥିବା ଲୋକଙ୍କର ଅଭାବ । ଏହା କେବଳ ଗୋଟିଏ ବିଦ୍ୟାଳୟର ଗୋଟିଏ ପ୍ରସଙ୍ଗ ମଧ୍ୟରେ ସିମୀତ ନୁହେଁ ବରଂ ସାରା ସଂସାରରେ ଉକ୍ତ ମାନସିକତାର ଲୋକ ଭର୍ତ୍ତି । ସମ୍ମାନ ପାଇବା ଏବଂ ବାହାବା' ବେଳକୁ ସମସ୍ତେ ହକଦାର ବୋଲି ଦାବି କରୁଥିବା ବେଳେ ଟିକେ କ'ଣ ସମସ୍ୟା ଆସିଲେ 'ମୁଁ କ'ଣ କରିବି' ବା ମୁଁ କ'ଣ କରିଥାନ୍ତି ବୋଲି ଅତି ସହଜରେ କହିଦେଇ ସେମାନେ ନିଜର ଦାୟିତ୍ୱବୋଧକୁ ମୁଣ୍ଡରୁ ହଟାଇ ଦେବା ପାଇଁ ଟିକିଏ ବି ଶଙ୍କା ଓ ସଙ୍କୋଚ କରି ନଥାନ୍ତି । ଏଠାରେ ମୁଁ କ'ଣ କରିବି ଏକ ପ୍ରଶ୍ନବାଚୀ ନୁହେଁ ବରଂ ନିଜ ଦାୟିତ୍ୱକୁ ମୁଣ୍ଡ ଉପରୁ ହଟାଇ ଦେଇ ଅନ୍ୟ ମାନଙ୍କ ଉପରେ କର୍ତ୍ତବ୍ୟ ଏବଂ ଦାୟିତ୍ୱକୁ ହସ୍ତାନ୍ତର କରିବା । ଯାହା ପର ମୁଣ୍ଡରେ ଅଠା ବୋଳିବା ଆପ୍ତ ବାକ୍ୟର ତାତ୍ତ୍ୱିକ ଅର୍ଥ ସହିତ ସମାନ।

ସମସ୍ତ ସମସ୍ୟାର ସମାଧାନ ରହିଛି । କେତେବେଳେ ଏହା ବ୍ୟକ୍ତିଗତ ଦାୟିତ୍ୱବୋଧ ଉପରେ ନିର୍ଭରଶୀଳ ଥିବାବେଳେ ଆଉ କେତେବେଳେ ଏହା ସାମୁହିକ ଦାୟିତ୍ୱବୋଧ ଉପରେ ପର୍ଯ୍ୟବେଶିତ ହୋଇଥାଏ । କିନ୍ତୁ ଯେତେବେଳେ ବ୍ୟକ୍ତି କିମ୍ବା ସମାଜ ନିଜକୁ ଠିକ୍ ବୋଲି ପ୍ରମାଣ କରିବା ପାଇଁ ଅନ୍ୟ ଉପରକୁ ଦୋଷାରୋପ କରିବା ଛଳରେ 'ମୁଁ କ'ଣ କରିବି' ବା 'ଆମେ କ'ଣ କରିବୁ' ବୋଲି କହିଦେଇ ନିଜକୁ ଦୋଷମୁକ୍ତ କରିବା ପାଇଁ ଚେଷ୍ଟା କରିଥାଆନ୍ତି ସେତେବେଳେ ଉଭୟ ବ୍ୟକ୍ତିଗତ ଓ ସାମୁହିକ ଉନ୍ନତି, ବିକାଶ ଓ ସୁରକ୍ଷା ବିପନ୍ନ ହୋଇଥାଏ । ଉଦାହରଣ ସ୍ୱରୁପ ଯଦି କୌଣସି ଜାଗାରେ ପୋଲ ଭୁଷୁଡ଼ି କେହି ମୃତ୍ୟୁ ବରଣ କରେ ସାଧାରଣ ଲୋକ ଏବଂ ବିଭିନ୍ନ ରାଜନୈତିକ ଦଳମାନେ ଗାଦୀସୀନ ସରକାର ଓ ସମ୍ପୃକ୍ତ ବିଭାଗର ମନ୍ତ୍ରୀଙ୍କୁ ଦାୟୀ କରି ଥାଆନ୍ତି। କିନ୍ତୁ , ସରକାର ଧିରେଧିରେ ଉକ୍ତ ଦୋଷାରୋପ ଗୁଡ଼ିକୁ ଅମଲାତନ୍ତ୍ରୀ, ଯନ୍ତ୍ରୀ, କଣ୍ଟ୍ରାକ୍ଟର, ମିସ୍ତ୍ରୀ ଶେଷରେ ସିମେଣ୍ଟର ଗୁଣବତ୍ତା ଉପରେ ଲଦିଦେଇ ପାର ପାଇଯିବାକୁ ଚେଷ୍ଟା କରିଥାଆନ୍ତି ।

ସମସ୍ତଙ୍କ ମୁହଁରେ ସେହି ଗୋଟିଏ କଥା 'ମୁଁ କ'ଣ କରିବି' । ତେବେ ସାଧାରଣ ଜନତା ଜଣେ ଜଣେ ଦାୟିତ୍ୱବାନ ନାଗରିକ ହିସାବରେ ଏସବୁ ଅନ୍ୟାୟ, ଅନୀତି ଉପରେ ତୀକ୍ଷ୍ଣ ନଜର ରଖି ତାର ପ୍ରତିବାଦ କରିବା ସମୀଚୀନ ନୁହେଁ କି ? ଆମେ ଥରେ ଭାବିବା ଦରକାର ଉକ୍ତ ଦୁର୍ଘଟଣା, ଅନୀତି ଓ ଅନ୍ୟାୟ ଯଦି ଆମ ପ୍ରତି କିମ୍ବା ଆମ ପରିବାର ପ୍ରତି ଘଟି ଥାଆନ୍ତା ତା'ହେଲେ ଆମେ କ'ଣ ନିରବରେ ହାତ ବାନ୍ଧି ବସି ଥାଆନ୍ତେ କି ? ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ବାରବାଟୀରେ ଫ୍ଲଡ୍ ଲାଇଟ୍ ସମସ୍ୟା ପାଇଁ ବିରକ୍ତି ପ୍ରକାଶ କଲେ ରୋହିତ



**କଟକ**

ବାରବାଟୀ ଷ୍ଟାଡିୟମରେ ରବିବାର ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳା ଯାଉଥିବା ବେଳେ ଦେଖା ଦେଇଥିଲା ବଡ଼ ତ୍ରୁଟି। କିଛି ସମୟ ପାଇଁ ଦେଖାଦେଇଥିଲା ଫ୍ଲଡ୍ ଲାଇଟ୍ ସମସ୍ୟା। କ୍ଲବ୍ ଟାୱାର ପାଖରୁ ଲାଇଟ୍ ପଳାଇଥିଲା। ଦୁଇ ଓପନର ଖେଳି ନ ପାରି ପ୍ୟାଭିଲିଅନ ଫେରିଥିଲେ। କିଛି ସମୟ ପାଇଁ ଖେଳ ବନ୍ଦ ରହିଥିଲା। ଫଳରେ ଦର୍ଶକ ନିରାଶ ହୋଇଥିଲେ।

ମ୍ୟାଚ୍‌ର ୬.୧ ଓଭର ପରେ ଏହି ସମସ୍ୟା ଦେଖା ଦେଇଥିଲା। ଫ୍ଲଡ୍ ଲାଇଟ୍ ସମସ୍ୟା ପାଇଁ ବିରକ୍ତି ପ୍ରକାଶ କଲେ ରୋହିତ। ବିସ୍ଫୋରକ ବ୍ୟାଟିଂ କରୁଥିଲା ବେଳେ ହଠାତ ବ୍ରେକ୍‌କୁ ନେଇ ସେ ନିରାଶ ପ୍ରକାଶ କରିଥିଲେ। ସେ ମୁଣ୍ଡ ହଲାଇ ନିରାଶ ପ୍ରକଟ କରି ପ୍ୟାଭିଲିଅନ ଫେରିଥିଲେ। ପ୍ରାୟ ୧୫/୨୦ ମିନିଟ୍ ଧରି ଖେଳ ବନ୍ଦ ରହିଥିଲା। ଏହା ପରେ ଫ୍ଲଡ୍ ଲାଇଟ୍ ଜଳିଥିଲା ଓ ପୁଣି ମ୍ୟାଚ୍ ଆରମ୍ଭ ହୋଇଥିଲା।

୫ ବର୍ଷର ବ୍ୟବଧାନ ପରେ କଟକ ବାରବାଟୀରେ ଏହି ଦିନିକିଆ ମ୍ୟାଚ୍ ଖେଳା ଯାଉଥିବା ବେଳେ ଏଭଳି ତ୍ରୁଟି ସମସ୍ତଙ୍କୁ ନିରାଶ କରିଛି। ଏଭଳି ସ୍ଥିତି କାହିଁକି ଉପୁଜିଲା, ସେ ନେଇ ଖବର ଲେଖାଯିବା ବେଳକୁ ଓସିଏ ପକ୍ଷରୁ କିଛି ସ୍ପଷ୍ଟୀକରଣ ଦିଆଯାଇ ନଥିବା ବେଳେ ବିଭିନ୍ନ ମହଲରେ ଏହାକୁ ନିନ୍ଦା କରାଯାଉଛି।

# ରୋହିତ ଶର୍ମାଙ୍କୁ ମନେ ରଖିବେ ବାରବାଟୀର ଦର୍ଶକ : ମାରିଲେ ବିଶାଳ ଶତକ

**କଟକ**

ବାରବାଟୀ କ୍ରିକେଟ୍ ଷ୍ଟାଡିୟମରେ ଭାରତୀୟ ଟିମ୍‌ର ଅଧିନାୟକ ରୋହିତ ଶର୍ମା ଶତକ ହାସଲ କରିଛନ୍ତି। ସେ ଇଂଲଣ୍ଡ ବିପକ୍ଷ ୨ୟ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଏହି ଶତକ ହାସଲ କରିଛନ୍ତି। ୭୬ଟି ବଲ୍ ଖେଳି ୯ଟି ଚୌକା ଓ ଗୋଟିଏ ଛକା ବଳରେ ଏହି ବିଶାଳ ଶତକ ହାସଲ କରିଛନ୍ତି। ଏହା ହେଉଛି ତାଙ୍କର ୩୨ତମ ଦିନିକିଆ ଅନ୍ତର୍ଜାତୀୟ ଶତକ। ରୋହିତ ଶର୍ମା ରବିବାର ୩୦ଟି ବଲ୍ ଖେଳି ୪ଟି ଚୌକା ଓ ୪ଟି ଛକା ବଳରେ ଅର୍ଦ୍ଧଶତକ ହାସଲ କରିଥିଲେ। ରୋହିତଙ୍କ ଶତକ ବଳରେ ଭାରତର ସ୍କୋର ୨ଟି ୱିକେଟ୍ ବିନିମୟରେ ୧୯୪ ରନ୍ ହୋଇଛି।

ରୋହିତ ଶର୍ମା ଓ ଶୁବମାନ୍ ଗିଲ କ୍ରିଜ୍‌ରେ ଥିବା ବେଳେ ବାରବାଟୀର ଫ୍ଲଡ ଲାଇଟ୍ ଲିଭି ଯାଇଥିଲା। ସେହି ସମୟରେ ଭାରତ ସ୍କୋର ୬.୧ ଓଭରରେ ୪୮ ରନ୍ ହୋଇଥିଲା। ଲାଇଟ୍ ଲିଭିଯିବା ପରେ ରୋହିତ ଶର୍ମାଙ୍କ ସହିତ ଦର୍ଶକମାନେ ମଧ୍ୟ ବିରକ୍ତି ପ୍ରକାଶ କରିଥିଲେ। ରୋହିତ ଭଲ ଫର୍ମରେ ଥିବାରୁ ମ୍ୟାଚ୍ ବନ୍ଦ ପରେ ପୁଣି ଥରେ ଫର୍ମ ମିଳିବ କି ନାହିଁ ଦର୍ଶକମାନେ ମଧ୍ୟ ଚିନ୍ତିତ ଥିଲେ। ତେବେ ପ୍ରାୟ ୨୦ ମିନିଟ ଖେଳ ବନ୍ଦ ରହିଲା ପରେ ପୁଣି ଥରେ ମ୍ୟାଚ୍ ଆରମ୍ଭ ହୋଇଥିଲା।



## ସବୁ ବ୍ଲକ୍‌ରେ ନିର୍ମାଣ ହେବ ଷ୍ଟାଡ଼ିୟମ

# ୩୧୪ ବ୍ଲକ୍‌ରେ ବ୍ଲକସ୍ତରୀୟ ଷ୍ଟାଡ଼ିୟମ ନିର୍ମାଣ ପାଇଁ ଅନୁମୋଦନ

**ଭୁବନେଶ୍ୱର**

ରାଜ୍ୟର ସବୁ ବ୍ଲକରେ ଷ୍ଟାଡ଼ିୟମ ନିର୍ମାଣ ପାଇଁ ଏକ ନୂଆ ଯୋଜନା ହାତକୁ ନେଇଛନ୍ତି ବିଜେପି ସରକାର। ୫ବର୍ଷ ମଧ୍ୟରେ ଏବାବଦରେ ୪୧୨୪କୋଟି ଟଙ୍କା ଖର୍ଚ୍ଚ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ଏହି ଯୋଜନାକୁ ଅନୁମୋଦନ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ତୃଣମୂଳସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ରାଜ୍ୟର ସମସ୍ତ ୩୧୪ ବ୍ଲକରେ ବ୍ଲକସ୍ତରୀୟ ଷ୍ଟାଡ଼ିୟମ ନିର୍ମାଣ ପାଇଁ ଏକ ନୂଆ ଯୋଜନାକୁ ଅନୁମୋଦନ କରାଯାଇଛି। ଏହି ଯୁଗାନ୍ତକାରୀ ପଦକ୍ଷେପ ସମଗ୍ର ରାଜ୍ୟରେ ସୁସ୍ଥ ଜୀବନଯାପନକୁ ପ୍ରୋତ୍ସାହିତ କରିବା ସହିତ ଏକ ଦୃଢ଼ କ୍ରୀଡ଼ା ପରିବେଶକୁ ପ୍ରତିଷ୍ଠିତ କରିବା ପାଇଁ ସହାୟକ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ଏହି ଯୋଜନାରେ ପ୍ରତ୍ୟେକ ବ୍ଲକସ୍ତରୀୟ ଷ୍ଟାଡ଼ିୟମ ୮ରୁ ୧୦ଏକର ଜମିରେ ନିର୍ମାଣ ହେବ। ଏଥିରେ ଫୁଟବଲ କିମ୍ବା କ୍ରିକେଟ ପଡ଼ିଆ, ଥ୍ରୋ ଓ ଜମ୍ପ ଫିଲଡ୍ ସମେତ ଆଥଲେଟିକ୍ ଟ୍ରାକ୍, ଭଲିବଲ, ଖୋଖୋ, କବାଡ଼ି କୋର୍ଟ, ବ୍ୟାଡ଼ମିଣ୍ଟନ, ଟେବୁଲ ଟେନିସ୍ ଇତ୍ୟାଦି ଖେଳର ସୁବିଧା ସହିତ ଇନ୍ଦୋର ହଲ୍ ନିର୍ମାଣ କରାଯିବ।

ଓଡ଼ିଶା ସରକାର ପ୍ରାୟ ସମସ୍ତ ପ୍ରତିଯୋଗିତାମୂଳକ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ସହ ଏହି ସୁବିଧା ଗ୍ରାମୀଣ ଯୁବପ୍ରତିଭାମାନଙ୍କୁ ଶାରୀରିକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବ। ସେମାନଙ୍କର ସାମଗ୍ରିକ ବିକାଶ ଓ ଦୀର୍ଘକାଳୀନ ମାନସିକ ତଥା ଶାରୀରିକ ସୁସ୍ଥତା ଅନୁକୂଳ ପ୍ରଭାବ ପକାଇବ। ଭାରତର ଏକ ଉଦୀୟମାନ କ୍ରୀଡ଼ା କେନ୍ଦ୍ର ଭାବେ ସ୍ୱୀକୃତିପ୍ରାପ୍ତ ହେବା ଓ ଦେଶରେ ଏକ କ୍ରୀଡ଼ା ସଂସ୍କୃତି ପ୍ରତିଷ୍ଠା କରିବାକୁ ଓଡ଼ିଶା ପ୍ରତିବଦ୍ଧ ବୋଲି ସରକାର କହିଛନ୍ତି। ରାଜ୍ୟରେ ବ୍ଲକସ୍ତରୀୟ ଷ୍ଟାଡ଼ିୟମ ନିର୍ମାଣ' ପ୍ରକଳ୍ପ ଦ୍ୱାରା ଏହି ଲକ୍ଷ୍ୟ ହାସଲ କରାଯାଇପାରିବ। ଏହି ବ୍ଲକସ୍ତରୀୟ ଷ୍ଟାଡ଼ିୟମ ନିର୍ମାଣ ପାଇଁ କ୍ୟାବିନେଟ୍ ପର୍ଯ୍ୟାୟକ୍ରମେ ୫ବର୍ଷ ପାଇଁ ୪୧୨୪ କୋଟି ଟଙ୍କା ବ୍ୟୟ ମଞ୍ଜୁର କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

# ମା' ଜାଗୁଲାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଡିହସାହି ଟିମ୍ ଚାମ୍ପିଅନ୍



**ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ପଞ୍ଚାୟତ ଅଲଣା ଗ୍ରାମରେ ମା' ଜାଗୁଲାଇ କ୍ରିକେଟ ପଡ଼ିଆରେ ଚଳିତ ବର୍ଷର ପ୍ରଥମ ଟେନିସ୍ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଗରାମ ପଞ୍ଚାୟତର ସରପଞ୍ଚ ପ୍ରଦ୍ୟୁମ୍ନ କିଶୋର ଚଇନି, ସମିତି ସଭ୍ୟ ଉମେଶ ଚନ୍ଦ୍ର ବାରିକ, ସମାଜସେବୀ ପ୍ରଦ୍ୟୁମ୍ନ ରଥ, ବିଶ୍ୱଜିତ ବିଶ୍ୱାଳ ଓ ଶୁକାନ୍ତ କୁମାର ସାହୁ ଉଦ୍‌ଘାଟନ କରିଥିବା ବେଳେ ପୁରସ୍କାର ବିବରଣ ଉତ୍ସବରେ ଅଲଗା ଗ୍ରାମର ମୁଖ୍ୟ ସୌମ୍ୟକାନ୍ତ ସ୍ୱାଇଁ, ତ୍ରିଲୋଚନ ରାଉତ, ଚନ୍ଦନ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ ଟିମ୍ ଭାଗ ନେଇଥିବା ବେଳେ ସେଥିରୁ ଡିହସାହି ଓ ବାରବାଟିଆ ଟିମ୍ ମଧ୍ୟରେ ଫାଇନାଲ ଖେଳାଯାଇଥିଲା। ଫାଇନାଲ ମ୍ୟାଚ୍‌ରେ ବାରବାଟିଆକୁ ହରାଇ ଡିହସାହି ବିଜୟୀ ହୋଇଥିଲା। ଫାଇନାଲରେ ବିଜୟୀ ଟିମ୍‌କୁ ଅର୍ଥରାଶି ସହିତ ଟ୍ରଫି ଓ ପରାସ୍ତ ଟିମ୍ ଅର୍ଥରାଶି ସହିତ ଟ୍ରଫି ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ଅମ୍ପାୟାର ଭାବେ ନାରାୟଣ ପଲାଇ ଓ ବିଶ୍ୱଜିତ କୁଅଁର ଉପସ୍ଥିତ ଥିଲେ। ସମୀର କୁମାର ମହାନ୍ତି ଟୁର୍ଣ୍ଣାମେଣ୍ଟରେ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଦେଖିବା ପାଇଁ ହଜାର ହଜାର ଦର୍ଶକ ଉପସ୍ଥିତ ରହି ଖେଳକୁ ଉପଭୋଗ କରିବା ସହିତ ଟୁର୍ଣ୍ଣାମେଣ୍ଟ ଆୟୋଜିତ ନେଇ ଖୁସି ପ୍ରକାଶ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମା'ଜାଗୁଲାଇ କ୍ରିକେଟ୍ କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ।

# ବାରବାଟୀ ଷ୍ଟାଡ଼ିୟମରେ ଅନୁଷ୍ଠିତ ଭାରତ-ଇଂଲଣ୍ଡ ଦିନିକିଆ କ୍ରିକେଟ୍ ମ୍ୟାଚ୍‌ର ଝଲକ୍














# ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ସେମିରେ କେସିଏ



**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ସୋଧ ଧରମପଡ଼ିଆ ଠାରେ ୟଙ୍ଗଷ୍ଟାର କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ତୃତୀୟ କ୍ୱାର୍ଟରଫାଇନାଲ ମ୍ୟାଚ୍ କେସିଏ କ୍ରିକେଟ କ୍ଲବ୍ ଧାମନଗର ସହ ଏମସିସି ମାର୍କଣ୍ଡପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେସିଏ କ୍ରିକେଟ ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। କେସିଏ ଟସ୍ ଜିତି ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୭୮ ରନ ସଂଗ୍ରହ କରିଥିଲା। ଜବାବରେ ଏମ୍‌ସିସି ମାର୍କଣ୍ଡପୁର ୧୯.୧ ଓଭରରେ ୧୬୦ ରନ ସଂଗ୍ରହ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅମ୍ପାୟାର ଭାବେ ସତ୍ୟ ପ୍ରିୟ ସାହୁ ଓ ଦୁଷ୍ମନ୍ତ ସାହୁ ଖେଳ ପରିଚାଳନା କରିଥିଲେ। ସ୍କୋରାର ଥିଲେ ପ୍ରଦୀପ ଆଦିଆ, ରାଜନ୍ ମହାରଣା, ଧାରାବିବରଣି ପ୍ରଦାନ କରିଥିଲେ ଅଜୟ ସାହୁ, ଭୋଲାନାଥ ସାହୁ। ସୋମବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସାଲନ୍ଦୀ କ୍ଲବ୍ ଭଦ୍ରକ ସହିତ ଆଇଡିଆଲ ୟୁନିଅନ କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହେବ।

# କୁନ୍ତଳା କୁମାରୀ ସାବତଙ୍କ ୧୨୯ତମ ଜନ୍ମ ଜୟନ୍ତୀ ପାଳନ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଅର୍ବାନବ୍ୟାଙ୍କ ନିକଟରେ ଥିବା ଉତ୍କଳ ଭାରତୀ ଡାକ୍ତର କୁନ୍ତଳା କୁମାରୀ ସାବତଙ୍କ ୧୨୯ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। କୁନ୍ତଳା କୁମାରୀ ସାବତ ପ୍ରତିଷ୍ଠା ସମିତିର ସଭାପତି ଆଇନଜୀବୀ କୁଞ୍ଜବିହାରୀ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ହେମନ୍ତ କୁମାର ଜେନା, ଉପସ୍ଥାପୀକା ମଞ୍ଜୁଶ୍ରୀ ବରାଳ ମୁଖ୍ୟ ଅତିଥି ଜିଲ୍ଲାପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଲିତା ଦାସ ଓ ମୁଖ୍ୟ ବକ୍ତା ପ୍ରାଧ୍ୟାପକ ତଥା ଗବେଷକ ଡକ୍ଟର ସର୍ବେଶ୍ୱର ସେଣ, ସମ୍ମାନୀୟ ଅତିଥି ଭାବେ ପୌରାଧ୍ୟକ୍ଷା ସରୀତା ସାହୁ ଏବଂ ଆଇନଜୀବୀ ଶାନ୍ତି ସ୍ୱରୂପ ଭୂୟାଁ ପ୍ରମୁଖ ଯୋଗଦେଇ ଥିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପ୍ରଥମ ମହିଳା ଡାକ୍ତର ଓ ଖାଲି ଓଡ଼ିଶା ନୁହେଁ ସମଗ୍ର ଭାରତ ବର୍ଷର ଜଣେ ମହିୟସୀ ମହିଳା ଭାବେ ସୁପରିଚିତ ଓ ଖ୍ୟାତି ଅର୍ଜନ କରିଥିବା ସେହି ନାରୀକବି କୁନ୍ତଳା କୁମାରୀ ସାବତଙ୍କ ଜୀବନାଦର୍ଶ ସମ୍ପର୍କରେ ମଞ୍ଚାସୀନ ଅତିଥିମାନେ ବିଭିନ୍ନ ଆଲୋଚନା ପର୍ଯ୍ୟାଲୋଚନ କରିଥିଲେ। ମଞ୍ଚ ସମ୍ମୁଖରେ ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଶୈଳଶ୍ରୀ ନାରାୟଣ ସାମଲ, ଜ୍ୟୋସ୍ନାରାଣୀ ସୁତାର, ବୀଜୟ କୁମାର ବିଶ୍ୱାଳ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଭାଂଶୁ କୁମାର ଦାସ, ଶିକ୍ଷକ ଶ୍ରୀଧର ଭୋଳ, ଗାଳ୍ପିକ ଅବନ୍ତୀ ବେହେରା। ଶେଷରେ ଧନ୍ୟବାଦ ଦେଇଥିଲେ କୁନ୍ତଳା କୁମାରୀଙ୍କ ନାତୁଣୀ ଦେବସ୍ମିତା ପରିଡା।

# ଗୋଲ୍ଡେନ ଟ୍ରାଙ୍ଗେଲ୍ ସାଇକିଲିଂ ଚାମ୍ପିଅନସିପ୍ : ୧୨ ରାଜ୍ୟରୁ ଭାଗ ନେଇଥିଲେ ୧୦୦ ପ୍ରତିଯୋଗୀ

**ଭୁବନେଶ୍ୱର**

ଭୁବନେଶ୍ୱର ସାଇକିଲିଂ ଆଣ୍ଡ ଆଡଭେଞ୍ଚର କ୍ଲବ୍ (ବିସିଏସି)ର ଗୋଲ୍ଡେନ ଟ୍ରାଙ୍ଗେଲ୍ ସାଇକିଲିଂ ଚାମ୍ପିଅନସିପର ସପ୍ତମ ସଂସ୍କରଣ ସଫଳତାର ସହ ଶେଷ ହୋଇଛି। ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ ଭୁବନେଶ୍ୱରରୁ ସାଇକଲେ ଚଲାଇ ପୁରୀ ଯାଇଥିଲେ ଏବଂ ସେଠାରୁ ଫେରିଥିଲେ। ଏହା ମୋଟ ୧୧୪ କିଲୋମିଟର ସାଇକିଲିଂ ପ୍ରତିଯୋଗିତା ଥିଲା।

ରାଜ୍ୟରେ ସାଇକେଲ୍ ଚାଳକଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ବଢାଇବା ଏହି ଚାମ୍ପିଅନସିପ୍ ଆୟୋଜନ ପଛର ବଡ଼ ଉଦ୍ଦେଶ୍ୟ। ଜିଟିସିସିର ସପ୍ତମ ସଂସ୍କରଣରେ ୧୨ଟି ରାଜ୍ୟରୁ ୧୦୦ରୁ ଅଧିକ ସାଇକେଲ୍ ଚାଳକ ସାମିଲ ହୋଇଥିଲେ। ମହାରାଷ୍ଟ୍ରରୁ ଆସିଥିବା ପ୍ରତିଯୋଗୀ ସିଦ୍ଧେଶ ଅଜିତ୍ ପାଟିଲ୍ ପ୍ରଥମ, ପଞ୍ଜାବର ସାଇକେଲ୍ ଚାଳକ ମନଦୀପ ସିଂହ ଦ୍ୱିତୀୟ ଏବଂ ହରିୟାଣାର ସୁମିତ୍ କୁମାର ତୃତୀୟ ସ୍ଥାନରେ ରହିଥିଲେ। ତିନି ବିଜେତାଙ୍କୁ ଯଥାକ୍ରମେ ୧ ଲକ୍ଷ ଟଙ୍କା, ୫୦ ହଜାର ଟଙ୍କା ଏବଂ ୨୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଏଡିଜି ସଞ୍ଜୀବ ପଣ୍ଡା, ଏଚ୍‌ଡିଏଫ୍‌ସି ଉପ ସଭାପତି ଅନନ୍ତ ପଟ୍ଟନାୟକ ଉପସ୍ଥିତ ରହିଥିଲେ। ଦେଶର ୧୨ଟି ରାଜ୍ୟରୁ ୧୦୦ରୁ ଅଧିକ ସାଇକେଲ ଚାଳକ ଏହି ରୋଡ୍ ସାଇକ୍ଲିଂ ଚାମ୍ପିଅନସିପରେ ଭାଗ ନେଇଥିଲେ। ପଶ୍ଚିମବଙ୍ଗ, ପଂଜାବ, ହରିୟାଣା, ଚଣ୍ଡିଗଡ଼, ଝାଡ଼ଖଣ୍ଡ, ଛତିଶଗଡ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ମଧ୍ୟପ୍ରଦେଶ, ଦିଲ୍ଲୀରୁ ପ୍ରତିଯୋଗୀ ସାମିଲ ହୋଇଥିଲେ।

## କୃତ୍ରିମ ବୁଦ୍ଧିମତା ଓ ଯାନ୍ତ୍ରିକ ଶିକ୍ଷା ପ୍ରସଙ୍ଗରେ ଜାତୀୟ ସମ୍ମିଳନୀ

# ଜାତୀୟ ସୁରକ୍ଷା ଓ ପ୍ରତିରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ ଉପରେ ଆଲୋକପାତ

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ବିଭାଗ ଦ୍ୱାରା କୃତ୍ରିମ ଇଣ୍ଟେଲିଜେନ୍ସ ଏବଂ ଯାନ୍ତ୍ରିକ ଶିକ୍ଷା (ଏଆଇ ଓ ଏମଏଲ) ପ୍ରସଙ୍ଗକୁ ନେଇ ବର୍ତ୍ତମାନର ଧାରା ଉପରେ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀର ଆୟୋଜନ ଜାତୀୟ ଶିକ୍ଷା ନୀତି ୨୦୨୦, ଯାହା ପ୍ରଯୁକ୍ତିବିଦ୍ୟାକୁ ମହତ୍ତ୍ୱ ଦେବାସହ ଏବଂ ବହୁମୁଖୀ ଅନୁସନ୍ଧାନକୁ ଅଧିକ ଯଥାର୍ଥତା ଦେବାର ଲକ୍ଷ୍ୟ ନେଇ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ଶିକ୍ଷା, ସ୍ୱାସ୍ଥ୍ୟସେବା, ଶାସନ ଏବଂ ଶିଳ୍ପ କ୍ଷେତ୍ରରେ ଏଆଇର ପରିବର୍ତ୍ତନଶୀଳ ଭୂମିକା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଚାନ୍ଦିପୁର ଡିଆରଡିଓ ପିଏକ୍ସଇର ନିର୍ଦ୍ଦେଶକ ସୁବୋଧ କୁମାର ନାୟକ ଯୋଗଦେଇ ଜାତୀୟ ସୁରକ୍ଷା ତଥା ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟାରେ ବ୍ୟବହାର ଓ ଏହା ଉପରେ ଏଆଇର ପଡୁଥିବା ପ୍ରଭାବ ବିଷୟରେ ଆଲୋକପାତ କରିଥିବାବେଳେ ବାଙ୍ଗାଲୋରର ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନର ପ୍ରଫେସର ସରୋଜ କୁମାର ମେହେର ନୈତିକ ଏଆଇ ବିକାଶ ଏବଂ ତଥ୍ୟ ଚାଳିତ ନିଷ୍ପତ୍ତି ପ୍ରସଙ୍ଗରେ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ମାନସ ରଂଜନ ପାତ୍ର ଆଧୁନିକ ସମାଜରେ ଏଆଇ ଏବଂ ଏମଏଲର ଭୂମିକା ଉପରେ ଆଲୋକପାତ କରି ସ୍ୱୟଂଚାଳିତ, ସ୍ମାର୍ଟ ସିଷ୍ଟମ ଏବଂ ବିଭିନ୍ନ କ୍ଷେତ୍ରରେ ଅର୍ଥ, କୃଷି ଏବଂ ଭାଷା ବିଜ୍ଞାନରେ ନିଷ୍ପତ୍ତି ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ଏଆଇ ଏବଂ ଏମଏଲର ସାମ୍ପ୍ରତିକ ଧାରା ଉପରେ ଗୁରୁତ୍ୱ ଦେଇ ନିଜର ମୂଲ୍ୟବାନ ଅଭିଭାଷଣ ଦେଇଥିଲେ ଏବଂ ନୂତନତ୍ୱ ତଥା ଜାତୀୟ ବିକାଶ ପାଇଁ ଏକାଡେମିକ୍ ଅନୁଷ୍ଠାନଗୁଡ଼ିକର ଅବଦାନ ତଥା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମିଳନୀର ଆବାହକ ତଥା କମ୍ପ୍ୟୁଟର ସାଇନ୍ସ ବିଭାଗର ମୁଖ୍ୟ ଡକ୍ଟର ଆଶାନ୍ତ ରଂଜନ ରାଉତ, ଏଆଇ ଏବଂ ଏମଏଲ୍‌ର ଦ୍ରୁତ ଅଗ୍ରଗତି ଏବଂ ସେମାନଙ୍କର ସାମାଜିକ ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଳ୍ପରେ ପରିବର୍ତ୍ତନ, ଦକ୍ଷତା ବୃଦ୍ଧି ଏବଂ ବିଶ୍ୱର ଆହ୍ୱାନଗୁଡିକୁ ସମ୍ମୁଖୀନ କରିବାରେ ଏଆଇ ର ଭୂମିକା ଉପରେ ଏହି ଆଲୋଚନା ଉପରେ ଧ୍ୟାନ ଦିଆଯାଇଥିଲା ଏବଂ ସାଂପ୍ରତିକ ନବସୃଜନ ସହିତ ଜଡ଼ିତ ନୈତିକ ବିଚାର ଏବଂ ଦାୟିତ୍ୱ ଗୁଡିକୁ ମଧ୍ୟ ସୂଚିତ କରାଯାଇଥିଲା। ସମ୍ମିଳନୀର ଅର୍ଗାନାଇଜିଙ୍ଗ ସେକ୍ରେଟେରୀ ଡକ୍ଟର ମିନତୀ ମିଶ୍ର ଅତିଥି ପରିଚୟ ପ୍ରଦାନ ସହ ଆଲୋଚ୍ୟ ପ୍ରସଙ୍ଗମାନ ଅବଗତ କରାଇଥିଲେ। ଏହି ଆଲୋଚନାଚକ୍ରର ବୈଷୟିକ ଅଧିବେଶନଗୁଡ଼ିକରେ ଶିକ୍ଷା, ସ୍ଥାୟୀ ବିକାଶ, କୃଷି ଉଦ୍ଭାବନ ଏବଂ ଆଞ୍ଚଳିକ ଭାଷା ପ୍ରକ୍ରିୟାକରଣ କ୍ଷେତ୍ରରେ ଏଆଇ ପରି କ୍ଷେତ୍ରଗୁଡ଼ିକ ଅନ୍ତର୍ଭୁକ୍ତ ହୋଇଛି ତଥା ଏକ ଡିଜିଟାଲ୍ ସଶକ୍ତ ଭାରତ ପାଇଁ ଜାତୀୟ ଶିକ୍ଷା ନୀତି ୨୦୨୦ର ଦୃଷ୍ଟିକୋଣକୁ ପ୍ରାଧାନ୍ୟ ଦିଆଯାଇଛି। ୬୦ ରୁ ଅଧିକ ଗବେଷଣା ସନ୍ଦର୍ଭକୁ ନେଇ ଏକ 'ବୁକ୍ ଅଫ୍ ଅବଷ୍ଟ୍ରାକ୍ଟ' ଉପସ୍ଥାପିତ ହୋଇଥିଲା, ଯେଉଁଥିରେ ଅତ୍ୟାଧୁନିକ ଅନୁସନ୍ଧାନ ଅବଦାନକୁ ଦର୍ଶାଯାଇଥିଲା। ଏହା ସହିତ ଓଡ଼ିଆ ଭାଷାରେ ପ୍ରକାଶିତ ବିଭାଗ ପତ୍ରିକା 'ଡିଜିଟାଲ୍ ଏକ୍ସପ୍ଲୋରର' ଉନ୍ମୋଚିତ କରାଯାଇଥିଲା, ଯାହା ଆଞ୍ଚଳିକ ଭାଷା ଆଧାରିତ ଡିଜିଟାଲ୍ ଶିକ୍ଷା ଏବଂ ଅନୁସନ୍ଧାନ ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ସହ ଜାତୀୟ ଶିକ୍ଷା ନୀତିକୁ ଦୃଢତାର ସହ ପ୍ରତିପାଦିତ କରିଛି। ଏହି ସମ୍ମିଳନୀରେ ଅନୁସନ୍ଧାନକାରୀ, ଶିଳ୍ପ ପ୍ରଫେସନାଲ ଏବଂ ଛାତ୍ରଙ୍କ ସମେତ ୨୦୦ରୁ ଅଧିକ ଉପସ୍ଥିତ ବ୍ୟକ୍ତିଙ୍କ ସହିତ ଏହି ସମ୍ମିଳନୀ ଜ୍ଞାନ ବିନିମୟ, ସହଯୋଗ ଏବଂ ନୈତିକ ଏବଂ ଦାୟିତ୍ୱପୂର୍ଣ୍ଣ ଏଆଇ ବିକାଶ ଉପରେ ଆଲୋଚନା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଛି। ବୈଷୟିକ ଅଧିବେଶନ ଏବଂ ବିଶେଷଜ୍ଞ ଆଲୋଚନା ସହିତ ଆନ୍ତବିଭାଗୀୟ ଅନୁସନ୍ଧାନ, ନୈତିକ ଏଆଇ ଅଭ୍ୟାସ ଏବଂ ଶିକ୍ଷା ତଥା ଜାତୀୟ ବିକାଶରେ ଉଦୀୟମାନ ଜ୍ଞାନକୌଶଳର ଏକୀକରଣ, ଟେକ୍ନୋଲୋଜି ଚାଳିତ ଭବିଷ୍ୟତ ପାଇଁ ଭାରତର ଦୃଷ୍ଟିକୋଣ ସହିତ ଏହି ସମ୍ମିଳନୀ ଉଦଘାଟିତ ହୋଇଛି। ଡକ୍ଟର ମନସ୍ୱିନୀ ପ୍ରଧାନଙ୍କ ଧନ୍ୟବାଦ ଅର୍ପଣ ସହିତ ଉଦ୍‌ଘାଟନୀ ଅଧିବେଶନ ଶେଷ ହୋଇଥିଲା।



# ଧାମନଗରରେ ଆଜିଠୁ ଶୀତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା



**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗରରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଶୀତ ମହୋତ୍ସବ ଏବଂ ପଲ୍ଲି ଶ୍ରୀ ମେଳା ଫେବୃୟାରୀ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଶୀତ ମହୋତ୍ସବ ପରିଷଦ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଧାମନଗର ପଞ୍ଚାୟତ ସମିତି ସଭାଗୃହରେ ସହ ସଂପାଦକ ଦୀପକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। କମିଟିର ସମ୍ପାଦକ ତଥା ଭଦ୍ରକ ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଉପସ୍ଥିତ ରହି ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଉତ୍କଳୀୟ ସଂସ୍କୃତି ପରମ୍ପରାକୁ ଲୋକାଭିମୁଖୀ କରିବା ସଙ୍ଗେ ସଙ୍ଗେ ପଲ୍ଲି ଶ୍ରୀ ମେଳା ମାଧ୍ୟମରେ ମୁଖ୍ୟତଃ ଗ୍ରାମାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦ ଗୁଡ଼ିକକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟ ରଖାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଉପଜିଲ୍ଲାପାଳ କହିଥିଲେ। ଏହି ଅବସରରେ ଦୈନିକ ସନ୍ଧ୍ୟାରେ ସିନେ ତାରକା, ଗାୟକ, ଗାୟିକାଙ୍କ ସମେତ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଗୋଟିପୁଅ, ଛଉ, ସମ୍ବଲପୁରୀ ନୃତ୍ୟ ପରିବେଷଣ ହେବ। ମହୋତ୍ସବକୁ ସଫଳ ଏବଂ ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ ସଂଗଠନକୁ ଏଥିରେ ସାମିଲ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଧାମନଗର ନଗର ସାଂସଦ ପ୍ରତିନିଧି ସରୋଜ ମହାପାତ୍ର, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଧାମନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନ ବିହାରୀ ଦିନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମ ସ୍ଥଳକୁ ଉପଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ପହଞ୍ଚି କାର୍ଯ୍ୟର ସମୀକ୍ଷା କରିଥିଲେ। ସେଠାରେ ଯେପରି ଦର୍ଶକଙ୍କ କୌଣସି ଅସୁବିଧା ନ ହୁଏ ସେ ଦିଗରେ ସ୍ଥାନୀୟ ପ୍ରଶାସନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଇଂଲଣ୍ଡ ବିପକ୍ଷରେ...

ଶର୍ମା ଓ ଶୁଭମନ ଗିଲ୍ । ଉଭୟ ପ୍ରାରମ୍ଭିକ ବ୍ୟାଟର ପ୍ରଥମ ୱିକେଟ ପାଇଁ ୧୩୬ ରନ ସଂଗ୍ରହ କରିଥିଲେ । ଏଥିରେ ଶୁଭମନ୍‌ଙ୍କ ୬୦ ରନ ସାମିଲ ଥିଲା। ଗିଲ ଆଉଟ ହେବା ପୂର୍ବରୁ ୫୨ଟି ବଲ ଖେଳି ୯ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଗିଲ ଆଉଟ ହେଲା ପରେ ବିରାଟ କୋହଲି ପଡ଼ିଆକୁ ପ୍ରବେଶ କରିଥିଲେ। କିନ୍ତୁ ବିରାଟ ଦର୍ଶକମାନଙ୍କୁ ନିରାଶ କରିଥିଲେ। ସେ ମାତ୍ର ୮ଟି ବଲ ଖେଳି ୫ ରନ ସଂଗ୍ରହ କରି ପାଭିଲିଅନକୁ ଫେରି ଯାଇଥିଲେ। ଇଂଲଣ୍ଡର ତୃତୀୟ ଶିକାର ହୋଇଥିଲେ ରୋହିତ ଶର୍ମା। ଲିଆମ ଲିଭିଂଷ୍ଟୋନ୍‌ଙ୍କ ବଲ ଆଦିଲ ରସିଦଙ୍କୁ କ୍ୟାଚ ଦେଇ ରୋହିତ ଆଉଟ ହୋଇଥିଲେ। ଏହା ପୂର୍ବରୁ ସେ ୯୦ଟି ବଲ ଖେଳି ୧୧୯ ରନ ସଂଗ୍ରହ କରିଥିଲେ, ଯେଉଁଥିରେ ୧୨ଟି ଚୌକା ଓ ୭ଟି ଛକା ସାମିଲ ଥିଲା। ଏହା ହେଉଛି ତାଙ୍କର ୩୨ତମ ଦିନିକିଆ ଅନ୍ତର୍ଜାତୀୟ ଶତକ। ରୋହିତ ଶର୍ମା ରବିବାର ୩୦ଟି ବଲ ଖେଳି ୪ଟି ଚୌକା ଓ ୪ଟି ଛକା ବଳରେ ଅର୍ଦ୍ଧଶତକ ହାସଲ କରିଥିଲେ। ଅକ୍ଷର ପଟେଲଙ୍କ ସହିତ ଏକ ଭୁଲ ବୁଝାମଣା ଯୋଗୁଁ ଶ୍ରେୟସ ଆୟର ରନ ଆଉଟ ହୋଇଥିଲେ। କିନ୍ତୁ ଏହା ପୂର୍ବରୁ ସେ ୪୭ଟି ବଲ ଖେଳି ୩ଟି ଚୌକା ଓ ଗୋଟିଏ ଛକା ବଳରେ ୪୪ ରନ ସଂଗ୍ରହ କରିଥିଲେ। କେଏଲ ରାହୁଲ ୧୪ଟି ବଲ ସାମ୍ନା କରିଥିଲେ। ସେ ଗୋଟିଏ ଚୌକା ସହିତ ବ୍ୟକ୍ତିଗତ ଭାବେ ୧୦ ରନ ସଂଗ୍ରହ କରିଥିଲେ। ଇଂଲଣ୍ଡ ପାଇଁ ଫିଲିପ ସଲ୍ଟ ଓ ବେନ ଡକେଟ ପାଳି ଆରମ୍ଭ କରିଥିଲେ। ଉଭୟ ଖେଳାଳି ପ୍ରଥମ ୱିକେଟ ପାଇଁ ୮୧ ରନର ଭାଗିଦାରୀ କରିପାରିଥିଲେ। ଫିଲିପ ୨୯ଟି ବଲ ଖେଳି ୨ଟି ଚୌକା ଓ ଗୋଟିଏ ଛକା ବଳରେ ୨୬ ରନ କରିଥିଲେ । ସେହିପରି ବେନ ଡକେଟ ୫୬ଟି ବଲ ଖେଳି ୧୦ଟି ଚୌକା ବଳରେ ୬୫ ରନ କରିଥିଲେ। ବିସ୍ଫୋରକ ବ୍ୟାଟର ଜୋ ରୁଟ ୬୯ ରନ କରିଥିଲେ। ସେ ୭୨ଟି ବଲ ଖେଳି ୬ଟି ଚୌକା ମାରିଥିଲେ। ସେହିଭଳି ମଧ୍ୟକ୍ରମର ବ୍ୟାଟର ହେରି ବ୍ରୁକ୍, ଜୋସ ବଟଲର ଓ ଲିଆମ ଲିଭିଂଷ୍ଟୋନ ମଧ୍ୟ ଦଳର ସ୍କୋର ମଜଭୂତ ସ୍ଥିତିରେ ପହଞ୍ଚାଇବାକୁ ଉଦ୍ୟମ କରିଥିଲେ। ହେରି ବ୍ରୁକ ୩୧ ରନ କରିଥିଲେ। ସେ ୫୨ଟି ବଲ ଖେଳି ୩ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ୩୫ଟି ବଲ ଖେଳି ୨ଟି ଚୌକା ସହାୟତାରେ ୩୪ ରନ କରିଥିଲେ। ଜୋସ ବଟଲର ଲିଆମ ଲିଭିଂଷ୍ଟୋନ୍‌ଙ୍କ ବ୍ୟାଟରୁ ୪୧ ରନ ହାସଲ ହୋଇଥିଲା। ସେ ୨ଟି ଚୌକା ଓ ୨ଟି ଛକା ମାରିଥିଲେ । ଇଂଲଣ୍ଡର ନିମ୍ନକ୍ରମର ଖେଳାଳି ଜେମି ଓଭରଟର୍ନ ୬ ରନ୍, ଗସ ଆଟିକସନ ୩ ରନ୍, ଆଦିଲ ରସିଦ ବ୍ୟକ୍ତିଗତ ଭାବେ ୧୪ ରନ କରିଥିବା ବେଳେ ମାର୍କ ଉଡ ଖାତା ଖୋଲିପାରି ନଥିଲେ। ସାକିବ ମହମ୍ମଦ ଅପରାଜିତ ଥିଲେ। ଭାରତୀୟ ବୋଲର ରବୀନ୍ଦ୍ର ଜାଡେଜା ସର୍ବାଧିକ ୩ଟି ୱିକେଟ ନେଇଥିଲା ବେଳେ ମହମ୍ମଦ ସାମି, ହର୍ଷିତ ରାଣା, ହାର୍ଦ୍ଦିକ ପାଣ୍ଡ୍ୟା ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

## ୩୧ ମାଓବାଦୀ...

ମାଓବାଦୀମାନଙ୍କ ଉପସ୍ଥିତି ବିଷୟରେ ଗୁପ୍ତ ସୂଚନା ମିଳିଥିଲା। ଏହାକୁ ଆଧାର କରି ସୁରକ୍ଷା ବାହିନୀର ଦଳ ମାଓବାଦୀ ବିରୋଧୀ ଅପରେସନ୍‌ରେ ବାହାରିଥିଲେ। ଏହି ଅପରେସନ ସମୟରେ, ରବିବାର ସକାଳେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ଉଭୟ ପକ୍ଷରୁ ଗୁଳି ଚାଳନା ଆରମ୍ଭ ହୋଇଥିଲା। ରବିବାର ବିଜାପୁର-ନାରାୟଣପୁର ସୀମାରେ ସୁରକ୍ଷା ବାହିନୀ ଏବଂ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ଘଟିଥିଲା । ସୂଚନା ଅନୁଯାୟୀ, ଏହି ଏନକାଉଣ୍ଟରରେ ଡିଆରଜି, ଏସଟିଏଫ ଏବଂ ମହାରାଷ୍ଟ୍ରର ସି-୬୦ ଯବାନ ସାମିଲ ଅଛନ୍ତି । ନିହତ ମାଓବାଦୀଙ୍କଠାରୁ ବହୁ ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ସୁରକ୍ଷା ବାହିନୀ ଏବଂ ମାଓବାଦୀ ମଧ୍ୟରେ ଯେଉଁ ସ୍ଥାନରେ ଗୁଳି ବିନିମୟ ହୋଇଛି ତାହା ବିଜାପୁର ଜିଲ୍ଲାର ଫାର୍ସେଗଡ଼ ଅଞ୍ଚଳ। ଏଠାରେ ଜାତୀୟ ଉଦ୍ୟାନର ଜଙ୍ଗଲକୁ ମାଓବାଦୀଙ୍କ ଏକ ସକ୍ରିୟ ଗଡ଼ ବୋଲି ବିବେଚନା କରାଯାଏ। ଏହି ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ସୁରକ୍ଷା ବାହିନୀକୁ ସୂଚନା ମିଳିଥିଲା। ସୂଚନା ଆଧାରରେ ସୁରକ୍ଷାକର୍ମୀଙ୍କର ଏକ ମିଳିତ ଦଳ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଏହି ସମୟରେ, ମାଓବାଦୀମାନେ ସୁରକ୍ଷାକର୍ମୀଙ୍କ ଉପରକୁ ପ୍ରଥମେ ଗୁଳି ଚଳାଇଥିଲେ। ଏଥିରେ ଚାରି ଜଣ ଯବାନ ଆହତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ଗୁରୁତର ଆହତ ଥିବା ଦୁଇ ଜଣ ଯବାନ ସହିଦ ହୋଇଛନ୍ତି । ଏହାର ଜବାବରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା।

## ରାଜ୍ୟର ୧ ନମ୍ବର ...

ସଂଘର ସମସ୍ତ ସଦସ୍ୟ ଛିଡ଼ା ହୋଇ ଗୁଣବତ୍ତା ସ୍ୱାସ୍ଥ୍ୟସେବା ପ୍ରଦାନ ସହ ସଠିକ ସେବା ପ୍ରଦାନ ପାଇଁ ଶପଥ ଗ୍ରହଣ କରିଥିଲେ। ପରେ ପରେ ଦିବଂଗତ ସଦସ୍ୟ ମାନଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରିବା ପରେ କେନ୍ଦୁଝରର ଆରାଧ୍ୟ ଦେବତା ବଳଭଦ୍ରଙ୍କ ସହ ଜଗନ୍ନାଥ ଏବଂ ସୁଭଦ୍ରାଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟମନ୍ତ୍ରୀ ଏହାପରେ ଡାକ୍ତର ହରେକୃଷ୍ଣ ନାୟକଙ୍କ ଦ୍ୱାରା ରଚିତ ସ୍ୱାସ୍ଥ୍ୟ ସୁରଭି ପୁସ୍ତକସହ ଅନ୍ୟ ପୁସ୍ତକ ଉନ୍ମୋଚନ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣ ଆରମ୍ଭରେ ପ୍ରଭୁ ଜଗନ୍ନାଥ, ବଳଦେବଜୀଉ ଏବଂ ତାରିଣୀଙ୍କ ନାମନେଇ ବକ୍ତବ୍ୟ ଆରମ୍ଭ କରିଥିବା ବେଳେ ଡାକ୍ତରମାନେ ଜୀବନ ରକ୍ଷକ ହୋଇଥିବାରୁ ଲୋକମାନେ ସେମାନଙ୍କୁ ଦ୍ୱିତୀୟ ଭଗବାନ ବୋଲି ଭାବିଥାନ୍ତି । ଭଲ ସ୍ୱାସ୍ଥ୍ୟ ବିନା ଲୋକଙ୍କ ପାଖରେ ଥିବା ଧନସମ୍ପତ୍ତି, ଯୌବନ, ମାନସମ୍ମାନର କୌଣସି ମୂଲ୍ୟ ନ ଥିବା ମୁଖ୍ୟମନ୍ତ୍ରୀ କହିଥିଲେ। କେନ୍ଦୁଝର ଜିଲ୍ଲା ଖଣି ବହୁଳ ଏବଂ ଅନ୍ୟ ପ୍ରାକୃତିକ ସମ୍ପଦ ଥିଲେ ମଧ୍ୟ ସ୍ୱାସ୍ଥ୍ୟ କ୍ଷେତ୍ରରେ ପଛୁଆ ଥିଲା । ଖଣିଖାଦାନ ପାଇଁ ଜିଲ୍ଲାରେ ସର୍ବାଧିକ ଦୁର୍ଘଟଣା ସହ ଖଣି ପାଇଁ ପ୍ରଦୂଷଣ ସର୍ବାଧିକ ଥିବାରୁ ଲୋକମାନେ ଆପେ ଆପେ ରୋଗୀ ବନିଯାଉଛନ୍ତି। ସେଥିପାଇଁ କେନ୍ଦୁଝରରେ ମେଡିକାଲ କଲେଜ ଥିଲେବି ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରି ନ ଥିବାରୁ ସେ ଦୁଃଖ ପ୍ରକାଶ କରିବାସହ ଏହାକୁ ଏକ ନମ୍ବର ମେଡିକାଲ କଲେଜ କରିବାକୁ ସମସ୍ତଙ୍କ ସହଯୋଗ ଭିକ୍ଷା କରିଥିଲେ। ଆଗକୁ କିପରି ଟିକେ ଟିକେ କଥାରେ କଟକ ରେଫର କରାଯାଉଥିବାକୁ ବନ୍ଦ କରିବା ପାଇଁ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ପଡ଼ିବ। କେନ୍ଦୁଝର ମେଡିକାଲ କଲେଜରେ ଟ୍ରମା କେୟାର ସେଣ୍ଟର ଅଛିକି ନାହିଁ ପଚାରି ବୁଝିବା ସହ ମୁଖ୍ୟମନ୍ତ୍ରୀ ହେବା ପରେ ଟ୍ରମା କେୟାର ସେଣ୍ଟର ଖୋଲିବାକୁ ପଦକ୍ଷେପ ନେବାକୁ ଆଦେଶ ଦେଇଥିବାବେଳେ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ନେଇ ନ ଥିବାରୁ ସେ ବିରକ୍ତଭାବ ପ୍ରକାଶ କରିଥିଲେ। କେନ୍ଦୁଝର ମେଡିକାଲ କଲେଜରେ କେଉଁ ବ୍ୟବସ୍ଥା ରହିଛି ତାହା ପଚାରିବୁଝିଥିଲେ। କେନ୍ଦୁଝର ମେଡିକାଲ କଲେଜ ଆମ ଜିଲ୍ଲା ଟଙ୍କାରେ ହୋଇଥିବାବେଳେ ଏଠାରେ ଖାଲି ବିଲ୍ଡିଂ ଛିଡ଼ାହେଇଛି, କିନ୍ତୁ ଚିକିତ୍ସାପାଇଁ କିଛି ବ୍ୟବସ୍ଥା ନାହିଁ । କେନ୍ଦୁଝର ମେଡିକାଲ କଲେଜର ସମସ୍ତ ଖବର ଟିକିନିକି କଥା ପଚାରି ବୁଝିଥିଲେ। କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ନିଜସ୍ୱ ଜିଲ୍ଲା ଖଣିଜ ପାଣ୍ଠିରୁ ନିର୍ମିତହେଇଥିବା ବେଳେ ଗୋଟିଏ ଟଙ୍କା ବି କୌଣସି ସରକାରଙ୍କଠାରୁ ଅନୁଦାନ ମିଳି ନ ଥିଲା, ଆଗକୁ ଯାହା ଉନ୍ନତିକରଣ ହେବ ସରକାରୀ ଅନୁଦାନରେ ହେବ ବୋଲି ପ୍ରକାଶ କରିଥିଲେ ମୁଖ୍ୟମନ୍ତ୍ରୀ। ଡିଏମ୍‌ଏଫରୁ ଆଉ ଟଙ୍କାଟିଏବି ଖର୍ଚ୍ଚ କରାଯିବ ନାହିଁ, ଖୁବ୍‌ଶୀଘ୍ର କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଏହାସହ କେନ୍ଦୁଝର ମେଡିକାଲ କଲେଜ କିପରି ଓଡ଼ିଶାର ଏକ ନମ୍ବର ମେଡିକାଲ କଲେଜ ହେବ ସେ ନେଇ ସମସ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ ମୁଖ୍ୟମନ୍ତ୍ରୀ। ଓଡ଼ିଶାବାସୀଙ୍କ ନିବେଦନ ରକ୍ଷା କରି ସିଙ୍ଗାପୁର ରାଷ୍ଟ୍ରପତି ସ୍ୱତନ୍ତ୍ରଭାବେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ଆସିଥିବାରୁ ଓଡ଼ିଶାବାସୀଙ୍କ ପକ୍ଷରୁ ସିଙ୍ଗାପୁର ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ମୁଖ୍ୟମନ୍ତ୍ରୀ। ଓଡ଼ିଶାର ସାମଗ୍ରିକ ବିକାଶ ସହ ଦେଶର ଏକ ନମ୍ବର ରାଜ୍ୟ ହେବ ବୋଲି ଶତପ୍ରତିଶତ ଆଶାବାଦୀଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଏହାପରେ ସେ ଏଠାରୁ ୧୨ଟା ୩୦ ମିନିଟ ସମୟରେ ବାହାରି ହେଲିକପ୍ଟର ଯୋଗେ କଟକ ବାରବାଟୀ ଷ୍ଟାଡିୟମରେ ପହଞ୍ଚି ଭାରତ ଓ ଇଂଲଣ୍ଡ ମଧ୍ୟରେ ହେବାକୁ ଥିବା ଏକ ଦିବସୀୟ କ୍ରିକେଟ ମ୍ୟାଚ୍‌ରେ ଯୋଗ ଦେବା ପାଇଁ ବାହାରି ଯାଇଥିଲେ।

## ଆଜି ମହାକୁମ୍ଭ ...

ସଙ୍ଗମ ନାଲାରେ ପହଞ୍ଚି ତ୍ରିବେଣୀ ସଙ୍ଗମରେ ସ୍ନାନ କରିବେ। ଦେଶର ପ୍ରଥମ ନାଗରିକଙ୍କ ପାଇଁ ସଙ୍ଗମରେ ସ୍ନାନ କରିବା ଏକ ଐତିହାସିକ ମୁହୂର୍ତ୍ତ ହେବ। ଏହା ପୂର୍ବରୁ ଗତ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରୟାଗରାଜ ଯାଇ ସଙ୍ଗମରେ ବୁଡ଼ ପକାଇଥିଲେ।

## ପ୍ରଧାନମନ୍ତ୍ରୀ ଆମେରିକାରୁ ...

ସେହିପରି ରବିବାର ସନ୍ଧ୍ୟାରେ ଦିଲ୍ଲୀ ବିଜେପିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଦିଲ୍ଲୀ ବିଜେପି ମୁଖ୍ୟ ବୀରେନ୍ଦ୍ର ସଚ୍ଚଦେବା, ଦଳର ଦିଲ୍ଲୀ ନିର୍ବାଚନ ପ୍ରଭାରୀ ସାଂସଦ ବୈଜୟନ୍ତ ପଣ୍ଡା ଓ ଜାତୀୟ ସାଂଗଠନିକ ସମ୍ପାଦକ ବିଏଲ ସନ୍ତୋଷଙ୍କ ସହିତ ନବନିର୍ବାଚିତ ୪୮ ଜଣ ବିଧାୟକ ଉପସ୍ଥିତ ରହିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ବିଜେପି ମୁଖ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହ ମନ୍ତ୍ରୀ ଅମିତ ଶାହ ଓ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ମଧ୍ୟରେ ଦିଲ୍ଲୀରେ ସରକାର ଗଠନ ଓ ଶପଥ ଗ୍ରହଣ ଉତ୍ସବ ନେଇ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ରେସ୍‌ରେ ଏକାଧିକ ନାଁ ଶୁଣିବାକୁ ମିଳୁଥିଲେ ମଧ୍ୟ ନୂଆଦିଲ୍ଲୀ ଆସନରେ ଆପ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ପରାସ୍ତ କରିଥିବା ପ୍ରଭେଶ ସାହିବ ସିଂହ ବର୍ମାଙ୍କ ନାଁ ସର୍ବାଗ୍ରେ ରହିଛି ବୋଲି କୁହାଯାଉଛି। ସେ ହେଉଛନ୍ତି ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ସାହିବ ସିଂହ ବର୍ମାଙ୍କ ପୁଅ। ପୂର୍ବରୁ ପ୍ରଭେଶ ଦୁଇ ଥର ସାଂସଦ ରହିସାରିଛନ୍ତି । ୱେଷ୍ଟ ଦିଲ୍ଲୀ ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ଗତ ବର୍ଷ ତାଙ୍କୁ ଟିକେଟ ଦିଆଯାଇ ନଥିଲା। ତେଣୁ ସେ ଦିଲ୍ଲୀ ବିଧାନସଭା ନିର୍ବାଚନ ଲଢିଥିଲେ। ନୂଆଦିଲ୍ଲୀ ଆସନରେ ସେ ଅରବିନ୍ଦ କେଜ୍ରିୱାଲଙ୍କୁ ୪ ହଜାରରୁ ଅଧିକ ଭୋଟ୍‌ରେ ପରାସ୍ତ କରିଛନ୍ତି। ଶନିବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରଭେଶ କହିଥିଲେ, ଏହା କେବଳ ମୋର ବିଜୟ ନୁହେଁ ଏହା ଲୋକଙ୍କର ବିଜୟ। ସେମାନେ ମୋ ଉପରେ ଭରସା କରିଥିବାରୁ ସେମାନଙ୍କୁ ଧନ୍ୟବାଦ। ଦିଲ୍ଲୀର ମୁଖ୍ୟମନ୍ତ୍ରୀ କିଏ ହେବେ, ତାହା ଦଳ ବିଚାର କରିବ। ପ୍ରଭେଶଙ୍କ ସହିତ ବିଜେନ୍ଦର ଗୁପ୍ତା, ମଜିନ୍ଦର ସିଂହ ସିର୍ସା ଓ ହରିଶ ଖୁରାନା ପ୍ରମୁଖଙ୍କ ନାଁ ମଧ୍ୟ ମୁଖ୍ୟମନ୍ତ୍ରୀ ପଦ ପାଇଁ ଶୁଣିବାକୁ ମିଳୁଛି । ବିଜେପିର ଅନ୍ୟତମ ବରିଷ୍ଠ ନେତା ହେଉଛନ୍ତି ବିଜେନ୍ଦର ଗୁପ୍ତା। ସେ ଏକଦା ଦିଲ୍ଲୀ ବିଜେପିର ମୁଖ୍ୟ ଭାବେ କାମ କରିଥିଲେ। ସେ ୨୦୧୫ ଓ ୨୦୨୦ରେ ଆପ୍‌ର ବଡ଼ ବିଜୟ ଭିତରେ ମଧ୍ୟ ରୋହିଣୀ ଆସନରେ ବିଜୟୀ ହୋଇଥିଲେ। ଏଥର ମଧ୍ୟ ସେ ଜିତିଛନ୍ତି । ପୂର୍ବରୁ ସେ ଦିଲ୍ଲୀ ବିଧାନସଭାରେ ବିରୋଧୀ ଦଳ ନେତା ଭାବେ କାର୍ଯ୍ୟ କରିଥିଲେ। ତାଙ୍କର ଅଭିଜ୍ଞତା ତାଙ୍କୁ ମୁଖ୍ୟମନ୍ତ୍ରୀ ଦୌଡରେ ସାମିଲ କରିଛି। ରଜୌରୀ ଗାର୍ଡେନ ବିଧାନସଭା ଆସନରୁ ମଜିନ୍ଦର ସିଂହ ସିର୍ସା ବିଜେପି ଟିକେଟରେ ଲଢିଥିଲେ । ଏଠାରେ ସେ ଆପର ଧନାତି ଚଣ୍ଡେଲାଙ୍କୁ ପରାସ୍ତ କରିଛନ୍ତି। ବିଜେପି ଦିଲ୍ଲୀରେ ଆପ୍‌କୁ ମାତ ଦେଇଥିବାରୁ ଦଳର ନଜର ପଞ୍ଜାବ ଉପରେ ରହିଛି । ଏପରି ସ୍ଥିତିରେ ସିର୍ସାଙ୍କୁ ମୁଖ୍ୟମନ୍ତ୍ରୀ କରି ବିଜେପି ଡବଲ ଫାଇଦା ହାସଲ କରିବା ଲକ୍ଷ୍ୟରେ ରହିବ। ମୋତି ନଗର ନିର୍ବାଚନ ମଣ୍ଡଳୀରେ ବିଜେପି ହରିଶ ଖୁରାନାଙ୍କୁ ଆପର ଶିଚରଣ ଗୋଏଲଙ୍କ ବିରୋଧରେ ପ୍ରାର୍ଥୀ କରିଥିଲା । ପ୍ରଥମଥର ପାଇଁ ସେ ନିର୍ବାଚନ ଲଢିଥିବା ବେଳେ ଦମଦାର ବିଜୟ ହାସଲ କରିଛନ୍ତି। ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ମଦନ ଲାଲ ଖୁରାନଙ୍କ ପୁଅ ହେଉଛନ୍ତି ହରିଶ।

## ଇସ୍ତଫା ଦେଲେ ...

ପ୍ରତି ଅସନ୍ତୋଷ ଥିଲା। ଗତ ବର୍ଷ ଅକ୍ଟୋବରରେ ମଣିପୁରର ୧୯ ଜଣ ଭାଜପା ବିଧାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଚିଠି ଲେଖି ଏନ ବୀରେନ ସିଂହଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ବହିଷ୍କାର କରିବାକୁ ଦାବି କରିଥିଲେ। ଚିଠିରେ ସ୍ୱାକ୍ଷରକାରୀଙ୍କ ମଧ୍ୟରେ ବିଧାନସଭା ବାଚସ୍ପତି ଥୋକଚୋମ ସତ୍ୟବ୍ରତ ସିଂହ, ମନ୍ତ୍ରୀ ଥୋଙ୍ଗମ ବିଶ୍ୱଜିତ ସିଂହ ଏବଂ ୟୁମନାମ ଖେମଚାନ୍ଦ ସିଂହ ସାମିଲ ଥିଲେ। ଚିଠିରେ କୁହାଯାଇଛି ଯେ ମଣିପୁରର ଲୋକମାନେ ଭାଜପା ସରକାରଙ୍କୁ ପ୍ରଶ୍ନ କରୁଛନ୍ତି ଯେ ରାଜ୍ୟରେ ଏପର୍ଯ୍ୟନ୍ତ ଶାନ୍ତି କାହିଁକି ଫେରାଇ ଆଣଯାଇ ନାହିଁ । ଯଦି ଶୀଘ୍ର ସମାଧାନ ନହୁଏ ତେବେ ବିଧାୟକମାନଙ୍କୁ ଇସ୍ତଫା ଦେବାକୁ ଦାବି କରାଯିବ।

## ଚେତାଇଲେ ମନ୍ତ୍ରୀ...

ଫେରାଇବେ ବୋଲି ମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ସରକାରୀ ଅଧିକାରୀମାନଙ୍କୁ ସର୍ଭେ କରିବାକୁ କୁହାଯାଇଛି। ଅଧିକ ରୋଜଗାର କରୁଥିବା ଲୋକ ଯଦି କାର୍ଡ ପାଇଛନ୍ତି, ଲିଖିତ ଭାବେ ଜଣାଇବାକୁ କୁହାଯାଇଛି। ସେମାନେ ଯଦି ସମୟ ସୀମା ଭିତରେ କାର୍ଡ ନ ଫେରାନ୍ତି, ତେବେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ମନ୍ତ୍ରୀ ଶ୍ରୀ ପାତ୍ର।

## ସ୍ୱାସ୍ଥ୍ୟ ପାଇଁ ...

ଦେଶର ୬୦କୋଟି ଲୋକ ଅନ୍ତର୍ଭୁକ୍ତ ସେହି ଆୟୁଷ୍ମାନ ଭାରତ ଯୋଜନା ଓଡ଼ିଶାବାସୀଙ୍କୁ ଅଧିକ ସେବା ଦେବ ବୋଲି ସେ ପ୍ରକାଶ କରିଥିଲେ। ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ରାଜ୍ୟକୁ ୧୩ଲକ୍ଷ କୋଟି ଟଙ୍କାର ବିନିଯୋଗ ପ୍ରସ୍ତାବ ଆସିଥିବାବେଳେ କେବଳ ସ୍ୱାସ୍ଥ୍ୟକ୍ଷେତ୍ରରେ ୫୦ହଜାର କୋଟି ଟଙ୍କାର ବିନିଯୋଗ ପ୍ରସ୍ତାବ ଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ସ୍ୱାସ୍ଥ୍ୟସେବା ପ୍ରକଳ୍ପରେ ୨୫ହଜାର ନିଯୁକ୍ତି ମିଳିବ ବୋଲି ଜଣାପଡିଛି। ୨୦୨୪-୨୫ରେ ଆମ ସରକାର ୨୧ହଜାର କୋଟି ଟଙ୍କା ସ୍ୱାସ୍ଥ୍ୟ ବଜେଟ ବ୍ୟବସ୍ଥା କରିଥିଲେ। ୨୦୩୬ରେ ଓଡ଼ିଶା ପ୍ରତିଷ୍ଠାର ଏକଶହ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆମେ ଏକ ବିକଶିତ ଓଡ଼ିଶା କିପରି ଗଠନ କରିପାରିବା ସେଥିପାଇଁ ଏବେଠାରୁ ଚିନ୍ତା କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଥିବାବେଳେ ଏଥିପାଇଁ ରାଜ୍ୟ ସରକାର ୪୦ପ୍ରତିଶତ ଓ କେନ୍ଦ୍ର ସରକାର ୬୦ପ୍ରତିଶତ ଦେବାର ନିୟମ ଥିବାବେଳେ କେନ୍ଦୁଝରରେ ପ୍ରତିଷ୍ଠା ଲାଭ କରିଥିବା ମେଡିକାଲ କଲେଜ ସମ୍ପୂର୍ଣ୍ଣ ଭାବରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅର୍ଥରୁ ବିନିଯୋଗ ହୋଇଛି । ଏହି ମେଡିକାଲ କଲେଜ ଉଦ୍‌ଘାଟନ ହେବାର ୨ ବର୍ଷ ଅତିକ୍ରାନ୍ତ ହେବାକୁ ବସିଥିଲେ ମଧ୍ୟ କେବଳ ନାମକୁମାତ୍ର ୪ଟି ବିଭାଗ ଛାଡି ଅନ୍ୟ କୌଣସି ବହିର୍ବିଭାଗ ଖୋଲି ନ ଥିବା ସହ ତୁରନ୍ତ ଅନ୍ତଃବିଭାଗ ଖୋଲିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।



ଯାଜପୁର ଟାଉନ୍ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ ଓ ଅଧ୍ୟାପନା ଚିକିତ୍ସାଳୟ, ଯାଜପୁର ଉଦ୍‌ଘାଟିତ। ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ. ମୁକେଶ ମହାଲିଙ୍ଗ, ସମବାୟ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ, ଯାଜପୁରର ସାଂସଦ ଏବଂ ବିଧାୟକମାନେ ଉପସ୍ଥିତ। (ଫଟୋ : ସମ୍ବାଦ କଳିକା)

# ଏକଦିବସୀୟ ମ୍ୟାଚ ପରିପ୍ରେକ୍ଷୀରେ ଏସସିବି ମେଡିକାଲ ପକ୍ଷରୁ ପ୍ରସ୍ତୁତି

**କଟକ, ନ୍ୟୁଜ ବ୍ୟୁରୋ**

ବାରବାଟୀ ଷ୍ଟାଡିୟମଠାରେ ଭାରତ ବନାମ ଇଂଲଣ୍ଡ ଦ୍ୱିତୀୟ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ ଖେଳାଯିବା ପରିପ୍ରେକ୍ଷୀରେ ଯେକୌଣସି ଆପତକାଳିନ ପରସ୍ଥିତିର ମୁକାବିଲା ନିମନ୍ତେ ଏସସିବି ମେଡିକାଲ କଲେଜ ହସ୍ପିଟାଲ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିନିମନ୍ତେ ଟ୍ରମା କାଜୁୟାଲିଟିରେ ୬ଟି ଶଯ୍ୟା ପ୍ରସ୍ତୁତ ରଖାଯାଇଥିବାବେଳେ ହୃଦରୋଗ ବିଭାଗରେ ୩ଟି ଏକମୋ ଆଇସିୟୁ ଶଯ୍ୟା ଭିଭି ଆଇ ପିମାନଙ୍କ ନିମନ୍ତେ ପ୍ରସ୍ତୁତ ରଖାଯାଇଛି। ଏଥି ସହ ଟ୍ରମା ଆଇସିୟୁରେ ଗୋଟିଏ ଶଯ୍ୟା ଏବଂ





ସେଣ୍ଟ୍ରାଲ ଆଇସିୟୁରେ ଆଉ ଏକ ଶଯ୍ୟା ପ୍ରସ୍ତୁତ ରଖାଯାଇଛି। ହୃଦରୋଗ, ସିସିଟିଭିଏସ, ନିଶ୍ଚେତକ, ଶଲ୍ୟ ବିଭାଗ ଏବଂ ଟ୍ରମା ସହାୟତା କେନ୍ଦ୍ର ଓ ଟ୍ରମା କାଜୁୟାଲିଟିର ପ୍ରଫେସର ଓ ବିଭାଗୀୟ ମୁଖ୍ୟମାନେ ଏସବୁର ସଠିକ ପରିଚାଳନା ନିମନ୍ତେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ଅନୁରୋଧ କରାଯାଇଛି। ଏସ ସି ବି ମେଡିକାଲ କଲେଜ ହସ୍ପିଟାଲ ପରିସରରେ ଦୁଇଟି ବୟଙ୍ଗବଭମରୟ କ୍ଷସଲର ଶ୍ୱଙ୍କକ୍ଷ୍ଟକ୍ଷ୍ଟକ୍ଷ୍ୱଶ୍ୱ ବଞ୍ଚଭଙ୍କ-କ୍ଷବଭମର (ଅତ୍ୟାଧୁନିକ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସ ) ପ୍ରସ୍ତୁତ ରଖାଯାଇଛି। ଏଥିସହ ସମସ୍ତ ଜୀବନ ରକ୍ଷାକାରୀ ଔଷଧ ଏବଂ ସରଞ୍ଜାମ ପ୍ରସ୍ତୁତ ରଖାଯାଇଛି। ଏସସିବି ମେଡିକାଲ କଲେଜ ହସ୍ପିଟାଲର ଅତିରିକ୍ତ ଅଧିକ୍ଷକ ପ୍ରଫେସର ଡା ମନୋଜ କୁମାର ପଟନାୟକ ଏବଂ କୁଳସଚିବ ପ୍ରଶାସନ ଶ୍ରୀ ସୁବାସ ଚନ୍ଦ୍ର ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଆପାତକାଳୀନ କାର୍ଯ୍ୟର ମୁକାବିଲା ନିମନ୍ତେ ପ୍ରସ୍ତୁତି କରାଯାଇଛି।

# ଗରିବଙ୍କ ପକ୍କା ଘର ସ୍ୱପ୍ନ ପୂରଣ ଲାଗି ଆସିଲା ଅନ୍ତୋଦ୍ୟ ଗୃହ ଯୋଜନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅନ୍ତୋଦ୍ୟ ଗୃହ ଯୋଜନା ରେ ପକ୍କା ଘର ଯୋଗାଇବେ ସରକାର । ପ୍ରାକୃତିକ ଓ ମନୁଷ୍ୟକୃତ କ୍ଷତି, ସରକାରୀ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ, ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ ପରିବାର ଏବଂ ପ୍ରଚଳିତ ଗୃହ ନିର୍ମାଣ ଯୋଜନାରେ ଉପକୃତ ହୋଇ ନଥିବା ଯୋଗ୍ୟ ପରିବାର ଲୋକଙ୍କୁ ମିଳିବ ପକ୍କା ଘର । ପ୍ରଧାନମନ୍ତ୍ରୀ ଆବାସ ଘର ଭଳି ୧ ଲକ୍ଷ ୨୦ ହଜାର ଟଙ୍କା ମିଳିବ । ୨ ଲକ୍ଷ ୨୫ ହଜାର ଘର ତିଆରି କରିବେ ସରକାର । ୪ ମାସ ଭିତରେ ଘର ଶେଷ ହେଲେ ୨୦ ହଜାର ୬ ମାସରେ ସରିଲେ ୧୦ ହଜାର ଟଙ୍କା ମିଳିବ । ପକ୍କା ଘର ପାଇଁ ସଂଜ୍ଞାକୁ ସରଳି କରଣ କରାଯିବ। ଆଜବେଷ୍ଟ, ଟିଣ ଓ ଟାଇଲ ଛାତ ଘରକୁ କଚା ଘର ଘର ମାନ୍ୟତା ମିଳିବ । ଏଥିପାଇଁ ଖର୍ଚ୍ଚ ହେବ ୭ ହଜାର ୫୫୦ କୋଟି ଟଙ୍କା । ନୂଆ ଯୋଜନାକୁ ରାଜ୍ୟ କ୍ୟାବିନେଟର ମୋହର ପରେ ଦୀର୍ଘ ବର୍ଷ ହେବ ପକ୍କା ଘର ଅପେକ୍ଷାରେ ଥିବା ଲୋକଙ୍କ ମୁହଁରେ ହସ ଫୁଟିଛି । ନୂଆ ସରକାର ଗରିବଙ୍କ ପକ୍କା ଘର ସ୍ୱପ୍ନ ପୂରଣ କରିବେ ବୋଲି କହିଛନ୍ତି ଲୋକେ । ପକା ଘର ପାଇଁ ମାହାଙ୍ଗା ମର୍ଡର ରାଜ୍ୟ ରାଜନୀତିକୁ ସରଗରମ କରିଥିଲା । ବିଜୁ ପକ୍କା ଘରର ଲୋଗୋ ରାଜନୀତି ହେଉ କିମ୍ବା ଭୋଟ ପୂର୍ବରୁ ମୋ ଘର ସ୍କିମ ଲୋକଙ୍କ କଚା ଘର ଦୁଃଖ ଲାଘବ ବଦଳରେ କଟା ଘାରେ ଚୂନ ବୋଳିବା ଭଳି ହୋଇଥିଲା । ଦେଖିବାର କଥା ନୂଆ ଯୋଜନା କେତେ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଁଚି ପାରୁଛି ।

## ନକଲି ଗୁଟଖା ଫ୍ୟାକ୍ଟ୍ରିରେ ଦିଲ୍ଲୀ, ଆନ୍ଧ୍ର ଜିଏସ୍‌ଟି ଟିମ୍‌ର ଚଢ଼ଉ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନକଲି ଗୁଟଖା ଫ୍ୟାକ୍ଟ୍ରିରେ ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ଉ। ରେଡ୍‌ରେ ଦିଲ୍ଲୀ ଏବଂ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାର ଜିଏସଟି ଟିମ୍ ସାମିଲ ହୋଇଛନ୍ତି। କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକର ବରଗୁଡା ଥିବା ଏକ ଗୁଟଖା ଫ୍ୟାକ୍ଟ୍ରିରେ ଟିମ୍ ଚଳାଇଛି ତନାଘନା ଫ୍ୟାକ୍ଟ୍ରି ମାଲିକଙ୍କ ଘରେ ମଧ୍ୟ ଚଢ଼ାଉ କରାଯାଇଥିବା ସୂଚନା ମିଳିଛି। ସୁରକ୍ଷା ଦୃଷ୍ଟିରୁ ଘଟଣାସ୍ଥଳରେ ଅର୍ଦ୍ଧସାମରିକ ବାହିନୀ କର୍ମଚାରୀଙ୍କୁ ମୁତୟନ କରାଯାଇଛି।

# ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗୋପିଚନ୍ଦ ହିନ୍ଦୁଜାଙ୍କ ପୁସ୍ତକ "ଆଇ ଆମ୍ ?' ଉନ୍ମୋଚିତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଭାରତର ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଉପରାଷ୍ଟ୍ରପତି ଏନକ୍ଲେଭରେ ଏକ ସୁନ୍ଦର କାର୍ଯ୍ୟକ୍ରମରେ ହିନ୍ଦୁଜା ଗ୍ରୁପର ଚେୟାରମ୍ୟାନ ଏବଂ ପ୍ରସିଦ୍ଧ ବ୍ୟବସାୟୀ ଶ୍ରୀ ଗୋପିଚନ୍ଦ ପି. ହିନ୍ଦୁଜାଙ୍କ ସଂକଳିତ ପୁସ୍ତକ 'ଆଇ ଆମ୍ ?'କୁ ଉନ୍ମୋଚନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜନୈତିକ ଏବଂ ବ୍ୟବସାୟିକ ଜଗତର ପ୍ରମୁଖ ବ୍ୟକ୍ତି ଏବଂ କୂଟନୈତିକ ସମ୍ପ୍ରଦାୟର ସଦସ୍ୟମାନେ ଉପସ୍ଥିତ ଥିଲେ। ଭାରତର ଉପରାଷ୍ଟ୍ରପତି ଶ୍ରୀ ଜଗଦୀପ ଧନଖଡ଼ କହିଛନ୍ତି ଯେ, "ଶ୍ରୀ ଗୋପିଚନ୍ଦ ପି. ହିନ୍ଦୁଜାଙ୍କ ଏକ ଚିନ୍ତାପ୍ରବଣ ଏବଂ ଚିନ୍ତାଜନକ ସଂକଳନ "ଆଇ ଆମ୍ ?ର' ଉନ୍ମୋଚନ ପ୍ରକୃତରେ ଏକ ଗଭୀର ଏବଂ ଅନନ୍ୟ ମୁହୂର୍ତ୍ତ। ସନାତନର ଭୂମି, ଏକ ପ୍ରାଚୀନ ସଭ୍ୟତା ଏବଂ ବିଶ୍ୱ ଆଧ୍ୟାତ୍ମିକ କେନ୍ଦ୍ର ଭାରତରେ ଏହାର ଉନ୍ମୋଚନ ଗଭୀର ମହତ୍ୱ ରହିଛି। ଏହି ପୁସ୍ତକ ଭାରତୀୟତାର ସାର୍ବଜନୀନ ପ୍ରାସଙ୍ଗିକତାକୁ ଉଜ୍ଜ୍ୱଳ କରୁଛି ଯାହା ସମସ୍ତ ଧର୍ମରେ ଦେଖାଯାଏ। ଧର୍ମ ପରିବର୍ତ୍ତନ ବିନା ଆମେ ଅନ୍ୟମାନଙ୍କ ସଦ୍ୟତକୁ ସମ୍ମାନ ଓ ପ୍ରଶଂସା କରିପାରିବ। ଭାରତୀୟତା ଏହାର ଏକ




ଉତମ ଉଦାହରଣ। ଏହା ବିବିଧତାକୁ ଏକତାକୁ ଦର୍ଶାଉଛି। ମୋର ମନ୍ତବ୍ୟକୁ ସମର୍ଥନ କରିବା ପାଇଁ ବ୍ରିଟେନ୍ ରାଜା ଚାର୍ଲ୍ସ ୩ୟ ଏହି ପ୍ରବନ୍ଧଗୁଡ଼ିକ ପାଇଁ ସ୍ୱୀକୃତି ପ୍ରଦାନ କରିଥିଲେ। ବିଶ୍ୱାସ ଏବଂ ସହନଶୀଳତା ମନ୍ତ୍ରୀ ଶେଖ୍ ନହୟାନ୍ ବିନ୍ ମୁବାରକ୍ ଆଲ୍ ନହୟାନ୍ ଏହାକୁ ମହିମାନ୍ୱିତ କରିଛନ୍ତି।" ହିନ୍ଦୁଜା ଗ୍ରୁପ୍ ଅଫ୍ କମ୍ପାନୀଜ୍ (ଇଣ୍ଡିଆ)ର ଚେୟାରମ୍ୟାନ ଅଶୋକ ପି. ହିନ୍ଦୁଜା କହିଛନ୍ତି ଯେ, "ଆମ ପରିବାର ପାଇଁ ବିଭିନ୍ନ ଭୌଗୋଳିକ ଅଂଚଳରେ ବିଭିନ୍ନ ସଂସ୍କୃତିକ ସହ ଆଗକୁ ବଢ଼ିବା ଏବଂ ସନାତନ ପରମ୍ପରାକୁ ବଜାୟ ରଖିବା ସର୍ବଦା ଏକ ଜୀବନଶୈଳୀ ରହିଛି। ଆମର ବ୍ୟବସାୟ ସଫଳ ହୋଇଛି କାରଣ ବହୁସାଂସ୍କୃତିକ ବୁଝାମଣାକୁ ପ୍ରୋତ୍ସାହିତ କରିବା ଆମ ପାଇଁ ଏକ ବିଶ୍ୱାସର ବିଷୟ ହୋଇରହିଛି। ଜିପି ଅନେକ ସମୟରେ ଭାବନ୍ତି ଯେ ଯଦି ଧର୍ମ କାହାର ଆଧ୍ୟାତ୍ମିକତା ଆବିଷ୍କାର କରିବାର ଏକ ପଥ ତେବେ କିପରି "ଯାହା ଏକତା କରିବା ଉଚିତ, ତାହା ବିଭାଜନ ସୃଷ୍ଟି କରେ ? ' ପରମାର୍ଥ ନିକେତନ ଟ୍ରଷ୍ଟର ସଭାପତି ସ୍ୱାମୀ ଚିଦାନନ୍ଦ ସରସ୍ୱତୀ କହିଛନ୍ତି ଯେ, "ଗୋପିଚନ୍ଦ ପି. ହିନ୍ଦୁଜାଙ୍କ ପୁସ୍ତକ ସାମଗ୍ରିକତା ବିଷୟରେ କଥା କହୁଛି। ଏହା ମୁଁରୁ ଆମେ ପର୍ଯ୍ୟନ୍ତ ଯାତ୍ରା ବିଷୟରେ, କାରଣ ତା'ପରେ ହିଁ ମାନବତା ଅସୁସ୍ଥତାରୁ କଲ୍ୟାଣଆଡକୁ ଗତି କରିପାରିବ। ଏହା ଋଗ୍ ବେଦର ସନ୍ଦେଶକୁ ମୂଳ କଥା କହୁଛି ଯାହା ହେଉଛି "ବସୁଧୈବ କୁଟୁମ୍ବକମ୍ ବା ବିଶ୍ୱ ଏକ ପରିବାର।" ଏହି କାର୍ଯ୍ୟକ୍ରମରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଶ୍ରୀ ଅଜିତ ଡୋଭାଲ୍, ରାଜ୍ୟସଭା ସାଂସଦ ଡକ୍ଟର ଅଭିଷେକ ମନୁ ସିଂଘବୀ, ବ୍ରିଟିଶ୍ ହାଇ କମିଶନର ଲିଣ୍ଡି କ୍ୟାମେରନ୍, ଏଚଡିଏଫସି କ୍ୟାପିଟାଲର ଏମଡି ଓ ସିଇଓ ବିପୁଲ ରୁଙ୍ଗଟା ଓ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲ ଉପସ୍ଥିତ ଥିଲେ।

# ଉତ୍ତମ ମହାନ୍ତିଙ୍କୁ ଭୁବନେଶ୍ୱର ସ୍ଥିତ ଘରୋଇ ହସ୍ପିଟାଲରୁ ଗୁରୁଗ୍ରାମ ହସ୍ପିଟାଲକୁ କରାଗଲା ଏୟାରଲିଫ୍ଟ

**ଭୁବନେଶ୍ୱର ନ୍ୟୁଜ ବ୍ୟୁରୋ**

ଅଭିନେତା ଉତ୍ତମ ମହାନ୍ତିଙ୍କୁ ଏୟାରଲିଫ୍ଟ। ଉତ୍ତମ ମହାନ୍ତିଙ୍କୁ ଭୁବନେଶ୍ୱର ସ୍ଥିତ ଘରୋଇ ହସ୍ପିଟାଲରୁ ଗୁରୁଗ୍ରାମ ମେଦାନ୍ତ ହସ୍ପିଟାଲକୁ କରାଯାଇଛି ଏୟାରଲିଫ୍ଟ। ସୂଚନାଥାଉକି, ଉତ୍ତମ ମହାନ୍ତ ଲିଭର ସିରୋସିସ୍ ରୋଗରେ ପୀଡ଼ିତ ଅଛନ୍ତି। ଏଥିପାଇଁ ଗତ ତିନି ଦିନ ତଳେ ଉତ୍ତମ ମହାନ୍ତିଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ





ପରିବାର ଲୋକେ । ସେଠାରେ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇ ଚିକିତ୍ସା କରାଯାଉଥିଲା। ହେଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ାବାରୁ ତାଙ୍କୁ ଗୁରୁଗ୍ରାମ ମେଦାନ୍ତ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଛି। ଉତ୍ତମ ମହାନ୍ତିଙ୍କ ସହ ପୁଅ ବାବୁସାନ ଓ ବୋହୂ ତୃପ୍ତି ମଧ୍ୟ ଦିଲ୍ଲୀ ଯାଇଛନ୍ତି।

# କଟନୀ ଛଟନୀକୁ ନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ପ୍ରତିକ୍ରିୟା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଧାନ ମଣ୍ଡିରେ ଉଠୁନି ଚାଷୀଙ୍କ ଧାନ । ମିଲରଙ୍କ ମନ ଇଚ୍ଛାରେ ଚାଲିଛି ସରକାରୀ ମଣ୍ଡି। ମଣ୍ଡିରେ କଟନୀ ଛଟନୀ ଯୋଗୁଁ ହଇରାଣ ହେଉଛନ୍ତି ଚାଷୀ । ଯାହାକୁ ନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିଜର ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, କଟନୀ ଛଟନୀ ଗୋଟିଏ ବହୁତ ବଡ଼ ରୋଗ । ଏହା ଦୀର୍ଘ ଦିନ ଧରି ଏଭଳି ଚାଲି ଆସୁଛି । ହେଲେ ବିଜେପି ସରକାର କଟନୀ ଛଟନୀକୁ ବହୁତ ପରିମାଣରେ ନିୟନ୍ତ୍ରଣ କରିଛି । ବାରମ୍ବାର ଅପିଲ କଲେ ବି ପୁରା ନିୟନ୍ତ୍ରଣକୁ ଆସିନାହିଁ। ତଥାପି ବହୁ ପରିମାଣରେ କଟନୀ ଛଟନୀ ବନ୍ଦ ହୋଇଛି । ଅନେକ ଜିଲ୍ଲାର ବିନା କଟନୀ ଛଟନୀରେ ଧାନ ବିକ୍ରି ହେଉଛି । ତେଣୁ କଟନୀ ଛଟନୀ ନ କରିବା ପାଇଁ ପୁଣି ଅପିଲ କରୁଛି । ତଥାପି ଯେଉଁଠି ରୋଗ ରହିଛି, ସେମାନଙ୍କ ଉପରେ ନିଶ୍ଚିତ ଆକ୍ସନ ହେବ ।



ଭୁବନେଶ୍ୱର
୧୦ ଫେବୃୟାରୀ
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27



କଟକ : ବାରବାଟୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ଭାରତ-ଇଂଲଣ୍ଡ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ଦେଖୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂଦେଓ ଓ ପ୍ରଭାତୀ ପରିଡା, କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ସୋଫିଆ ଫିରଦୋଶ ଓ ଅନ୍ୟମାନେ । (ଫଟୋ : ସମ୍ବାଦ କଳିକା)




ପୁରୀ ବେଳାଭୂମିରେ ପାଞ୍ଚବର୍ଷର ପ୍ରତୀକ୍ଷା ପରେ ବାରବାଟୀକୁ ଏକଦିବସୀୟ କ୍ରିକେଟ୍ ଫେରିଥିବାରୁ ଦର୍ଶକଙ୍କ ଠାରୁ ଆରମ୍ଭ କରି ଖେଳାଳି ସମସ୍ତେ ଉତ୍ସାହିତ ହୋଇଥିବା ବେଳେ ବାଲିରେ କଳାକୃତି କରି ଭାରତୀୟ ଖେଳାଳିଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛନ୍ତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। (ଫଟୋ : ସମ୍ବାଦ କଳିକା)

# ଜୈବିକ ଚାଉଳରେ ହେବ ମହାପ୍ରସାଦ





**ପୁରୀ,୦୯/୦୨ ନ୍ୟୁଜ ବ୍ୟୁରୋ**

ଏଣିକି ରାସାୟନିକଯୁକ୍ତ ଚାଉଳରେ ପ୍ରସ୍ତୁତ ହେବନି ମହାପ୍ରଭୁଙ୍କ ମହାପ୍ରସାଦ । ଜୈବିକ ସାରରେ ପ୍ରସ୍ତୁତ ହେଉଥିବା ଚାଉଳରେ ମହାପ୍ରସାଦ ପ୍ରସ୍ତୁତ କରାଯିବ । ସେଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଏଥିଲାଗି ସୋମବାର ଭୁବନେଶ୍ୱରସ୍ଥିତ କୃଷିଭବନର ତୃତୀୟ ମହଲା ସଭାଗୃହ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢ଼ୀ ଅଧ୍ୟକ୍ଷତା କରିବେ। ବୈଠକରେ ସୁଆରମହାସୁଆର ନିଯୋଗର ସଭାପତି ଓ ସମ୍ପାଦକ ଯୋଗଦେବା ଲାଗି ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଚିଠି କରିଛନ୍ତି। ଚିଠିରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, ଶ୍ରୀମନ୍ଦିର ରୋଷେଇରେ ରାସାୟନିକମୁକ୍ତ ଜୈବିକ ପଦ୍ଧତିରେ ଉତ୍ପାଦିତ ଚାଉଳ ବ୍ୟବହାର କରାଯିବା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହେବ। ଶ୍ରୀମନ୍ଦିର ପ୍ରଶାସନର ଏଭଳି ବ୍ୟବସ୍ଥାକୁ ନିଯୋଗ ପକ୍ଷରୁ ସ୍ୱାଗତ କରାଯାଇଛି। ସେହିପରି ଶ୍ରୀମନ୍ଦିର ରୋଷଶାଳାରେ ଅଭାବ ଦେଖାଗଲାଣି ଓମ୍‌ଫେଡ୍ ଘିଅ। ଆବଶ୍ୟକ ଅନୁଯାୟୀ ଓମ୍‌ଫେଡ୍ ଘିଅ କର୍ତ୍ତୃପକ୍ଷ ଯୋଗାଇ ପାରୁନାହାନ୍ତି । ଦିନକ ଆଗରୁ ବରାଦ୍ କରିବା ସତ୍ତ୍ୱେ ମିଳୁନି ଘିଅ। ଏପରିକି ୩ରୁ ୪ ଦିନ ଅପେକ୍ଷା କରିବାକୁ ପଡୁଛି ବୋଲି କହିଛନ୍ତି ସୁଆରମହାସୁଆର ସେବକ ମଧୁସୂଦନ ସୁଆର। ସେ କହିଛନ୍ତି, ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଶ୍ରୀମନ୍ଦିରରେ କେବଳ ଓମଫେଡ୍ ଘିଅ ବ୍ୟବହାର କରାଯାଉଛି। ମହାପ୍ରସାଦଠୁ ଆରମ୍ଭ କରି ଶୁଖିଲା ଭୋଗ ପ୍ରସ୍ତୁତିରେ ଓମ୍‌ଫେଡ ଘିଅ ବ୍ୟବହାର ହେଉଛି । ଦିନକୁ ପାଖାପାଖି ୧୦୦ ଟିଣ (୧୫ଲିଟର) ଆବଶ୍ୟକ । ହେଲେ ନିଯୋଗ ନିକଟରେ ଆବଶ୍ୟକ ମୁତାବକ ଘିଅ ମହଜୁଦ ରଖିବାରେ ଓମ୍‌ଫେଡ୍ କର୍ତ୍ତୃପକ୍ଷ ଫେଲ ମାରିଛନ୍ତି। ଆଜକୁ ୩ ଦିନ ହେଲାଣି ଜଣେ କି ଦୁଇ ଜଣ ନୁହଁନ୍ତି ୩୦ରୁ ଊର୍ଦ୍ଧ୍ୱ ସୂପକାର ଘିଅ ଲାଗି ହନ୍ତସନ୍ତ ହେଲେଣି। ସେମାନେ ଏକ ପ୍ରକାର ବ୍ୟବସାୟରେ ହାତ ବାନ୍ଧି ବସିଛନ୍ତି । ତେବେ ଏନେଇ ପଚାରିବାରୁ କେବେ ଘିଅ ଆସିବ ତାହାର ସ୍ପଷ୍ଟ ଉତ୍ତର ମିଳି ପାରୁନାହିଁ । ଅନ୍ୟପକ୍ଷରେ ଆବଶ୍ୟକତାଠାରୁ କମ୍ ଘିଅ ବାହାରୁ ଅଣାଯାଉଛି । କେବଳ ଓମ୍‌ଫେଡ୍ ବ୍ରାଣ୍ଡ ବ୍ୟବହାର ଲାଗି କହିଥିବା ବେଳେ ବାହାର ବଜାରରୁ ଅଧିକ ଦରରେ କିଣିବାକୁ ପଡୁଛି । ପ୍ରଥମରୁ ଆସୁଥିବା ଘିଅ ଭଲ ରହିଥିଲା। ଏବେ ଟିଣରୁ ଟେଳା ଟେଳା ବାହାରିବା ସହ ବାସ୍ନା ନାହିଁ ବୋଲି ଶ୍ରୀ ସୁଆର କହିଛନ୍ତି । ତେବେ ଏହାକୁ ନେଇ ସୂପକାର ସେବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି । ତେଣୁ କର୍ତ୍ତୃପକ୍ଷ ଏହା ଉପରେ ଦୃଷ୍ଟି ଦେବାକୁ ଶ୍ରୀ ସୁଆର ଦାବି କରିଛନ୍ତି । ଏସମ୍ପର୍କରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ କୁହନ୍ତି, ଉକ୍ତ ଘଟଣା ସମ୍ପର୍କରେ ସୁଆର ମହାସୁଆର ନିଯୋଗ ଏବଂ ଓମ୍‌ଫେଡ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ସମସ୍ୟା ସମାଧାନ କରାଯିବ ।

## ଜିଲ୍ଲା ମହୋତ୍ସବ 'ଯଯାତୀ' ଉଦ୍‌ଘାଟିତ

# ଯାଜପୁରରେ ଏକ ହଜାର କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଯାଜପୁର,୯/୨ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଜିଲ୍ଲା ମହୋତ୍ସବ 'ଯଯାତି -୨୦୨୫'ର ଉଦ୍‌ଘାଟନକରି ପ୍ରାୟ ଏକ ହଜାର କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯାଜପୁର ହେଉଛି ସୁଯୋଗ ଓ ସମ୍ଭାବନାର ଏକ ସୁବର୍ଣ୍ଣକ୍ଷେତ୍ର । ଯାଜପୁରରେ ସମୁଦାୟ ୮୨୯ କୋଟି ୭୬ ଲକ୍ଷ ଟଙ୍କାର ୮୩ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବା ବେଳେ, ୧୭୦ କୋଟି ଟଙ୍କାର ୭୭ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଛି। ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳ ସମ୍ପଦ, ବିଦ୍ୟୁତ ପରିବହନ, ସଡ଼କ, ସେତୁ, କେନାଲ ଆଦି ଭିତ୍ତିଭୂମି ଓ ପର୍ଯ୍ୟଟନ ପ୍ରକଳ୍ପ ରହିଛି । ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଧ୍ୟରେ ବ୍ୟାସ ନଗରରେ ପ୍ରାୟ ୭୮ କୋଟି ଟଙ୍କାର ବ୍ୟାସ ନଗରଠାରେ ବ୍ୟାସ ସରୋବର ଓ ଟାଉନ ହଲ୍ ଉଦ୍‌ଘାଟିତ ହୋଇଛି। ଯାଜପୁରରେ ଏକ ନର୍ସିଂ କଲେଜ ପ୍ରତିଷ୍ଠା ପାଇଁ ଭିତ୍ତିପ୍ରସ୍ତର ରଖାଯାଇଛି । ଯାଜପୁର ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ବିକାଶ ପାଇଁ ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲ ଖୋଲାଯାଇଛି । ଏହାର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଏହାର ନାମ ପରିବର୍ତ୍ତନ କରାଯାଇଛି । ଏହାକୁ 'ମହାରାଜା ଯଯାତି କେଶରୀ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ' ଭାବରେ ନାମିତ କରାଯାଇଛି । ଏହା ଦ୍ୱାରା ମହାରାଜା ଯଯାତି କେଶରୀଙ୍କ ଗୌରବମୟ କୀର୍ତ୍ତିକୁ ପ୍ରକୃତ ସମ୍ମାନ ଦିଆଯାଇପାରିବ ବୋଲି ସେ କହିଛନ୍ତି । ଏଥିରେ ପ୍ରଥମ ବର୍ଷ ପାଇଁ ୫୦ଟି ସିଟ୍ ମିଳିଛି। ଆସନ୍ତା ଶିକ୍ଷା ବର୍ଷ ଠାରୁ ଏହି ମେଡିକାଲ କଲେଜର ସିଟ୍ ସଂଖ୍ୟା ୧୦୦କୁ ବୃଦ୍ଧି କରିବା ପାଇଁ ଆମର ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏଥିପାଇଁ ସବୁ ଆବଶ୍ୟକ ଭିତ୍ତିଭୂମିର ବିକାଶ ମଧ୍ୟ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ୫୦୭ କୋଟି ଟଙ୍କାର ୩୬ଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିବା ବେଳେ, ୪୧ କୋଟି ଟଙ୍କାର ୫୨ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯାଜପୁର ଜିଲ୍ଲା ପାଇଁ ଅନେକ ନୂତନ ପ୍ରକଳ୍ପ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମା' ବିରଜାଙ୍କ ପ୍ରସିଦ୍ଧ ମନ୍ଦିରର ଉନ୍ନତିକରଣ କରାଯିବ। ଏଥିରେ ବଗଳାମୁଖୀ ମନ୍ଦିର, ଶିବ ମନ୍ଦିର ଓ ବ୍ରହ୍ମକୁଣ୍ଡର ଉନ୍ନତି ଓ ସୌନ୍ଦର୍ଯ୍ୟ କରଣ କରାଯିବ। ଏଥିପାଇଁ ୫୦କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ସେ କହିଥିଲେ । ପୂର୍ବରୁ ଅନୁମୋଦନ ହୋଇଥିବା ୧୨ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ମା'ଙ୍କ ମନ୍ଦିର ପାଇଁ ଥିବା ଧର୍ମଶାଳାକୁ ଆହୁରି ଅଧିକ ଭକ୍ତଙ୍କ ରହିବା ପାଇଁ ଏହାର ସମ୍ପ୍ରସାରଣ କରାଯିବ। ଏଥିପାଇଁ ୧୦କୋଟି ଟଙ୍କା ଖର୍ଚ୍ଚ କରାଯିବ । ନାଭିଗୟା ଠାରେ ଥିବା ବିରଜା ଅଗ୍ନେଶ୍ୱର ହାଟର ମଧ୍ୟ ଉନ୍ନତି କରଣ କରାଯିବ । ଏଥିପାଇଁ ଅଧିକ ଜମି ଅଧିଗ୍ରହଣ କରାଯିବ ଏବଂ ୨୧ କୋଟି ୪୩ ଲକ୍ଷ ବିନିଯୋଗରେ ଯାଜପୁର ବାସୀଙ୍କ ସୁବିଧା ପାଇଁ ଏକ ସୁନ୍ଦର ଆଧୁନିକ ହାଟର ନିର୍ମାଣ କରାଯିବ। ୩୦ କୋଟି ଟଙ୍କା ବ୍ୟୟରେ ଯାଜପୁରରେ ଏକ ନୂଆ ବସ୍ ଟର୍ମିନାଲ୍ ମଧ୍ୟ ନିର୍ମାଣ କରାଯିବ ବୋଲି ସେ ଘୋଷଣା କରିଥିଲେ। ଏହା ସହିତ ଯାଜପୁରରେ ଏକ ହଜାର ଆସନ ବିଶିଷ୍ଟ ଏକ ନୂଆ ଟାଉନ୍ ହଲ୍ ମଧ୍ୟ ନିର୍ମାଣ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଯାଜପୁର ସାଂସଦ ଡକ୍ଟର ରବିନ୍ଦ୍ର ନାରାୟଣ ବେହେରା, ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ, କୋରେଇ ବିଧାୟକ ଆକାଶ ଦାସ ନାୟକ, ବଡଚଣା ବିଧାୟକ ଅମର ନାୟକ, ଯାଜପୁର ବିଧାୟିକା ସୁଜାତା ସାହୁ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବରି ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ସମାଜସେବୀ ଗୌତମ ରାୟ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଯାଜପୁର ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡି ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।



# ଚାହିଦା ବଢ଼ାଇବ ବିତ୍ତୀୟ ପଦକ୍ଷେପ, ତ୍ୱରାନ୍ୱିତ ହେବ ଘରୋଇ ନିବେଶ

**ନୂଆଦିଲ୍ଲୀ,୦୯/୦୨**

ଇତିମଧ୍ୟରେ ଘୋଷଣା କରାଯାଇଥିବା ବିତ୍ତୀୟ ଏବଂ ମୁଦ୍ରାନୀତି ପଦକ୍ଷେପ ଚାହିଦାରେ ଉନ୍ନତି ଆଣିବ । ଏହାସହିତ ଘରୋଇ ନିବେଶକୁ ତ୍ୱରାନ୍ୱିତ କରିବ । ଅର୍ଥନୈତିକ ବିକାଶକୁ ଡେଣା ମିଳିବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆରବିଆଇର କେନ୍ଦ୍ରୀୟ ବୋର୍ଡ ବୈଠକରେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି । ସୂଚନାଯୋଗ୍ୟ, ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ସୀତାରମଣ ବଜେଟ୍ ୨୦୨୫- ୨୬କୁ ଉପସ୍ଥାପନ କରି ମଧ୍ୟବିତ୍ତଙ୍କ ଉଦ୍ଦେଶ୍ୟରେ ବଡ଼ ଘୋଷଣା କରିଥିଲେ । ଟିକସ ରିହାତି ଦେଇ ମଧ୍ୟମ ବର୍ଗଙ୍କୁ ଖୁସ୍ କରିଥିଲେ। ବଜେଟ୍ ପ୍ରସ୍ତାବ ଅନୁସାରେ, ବର୍ଷକୁ ୧୨.୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ବେତନଭୋଗୀଙ୍କୁ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ । ଏହା ମାଧ୍ୟମରେ ୧ କୋଟି ଟିକସଦାତା ଉପକୃତ ହେବେ। ସେହିଭଳି ମୁଦ୍ରାନୀତି ପଦକ୍ଷେପ ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏହାର ପ୍ରମୁଖ ସୁଧ ହାର ରେପୋରେଟ୍‌ରେ .୨୫% ବା ୨୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ୫ ବର୍ଷ ମଧ୍ୟରେ ଏହା ରେପୋରେଟ୍‌ରେ ପ୍ରଥମ ହ୍ରାସ । ମନ୍ଥର ଅଭିବୃଦ୍ଧିକୁ ଦ୍ରୁତ କରିବା ଉଦ୍ଦେଶ୍ୟରେ ସର୍ବୋଚ୍ଚ ବ୍ୟାଙ୍କ ଏ ନିଷ୍ପତ୍ତି ନେଇଛି । ଆରବିଆଇର ବୋର୍ଡ ବୈଠକରେ ଅର୍ଥମନ୍ତ୍ରୀ କହିଛନ୍ତି ଯେ, ବଜେଟ୍ ପରେ ବଜାରରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି ଯେ, ଏପ୍ରିଲ-ଜୁନ୍ ଅବଧି ପାଇଁ ଏଫ୍‌ଏମ୍‌ସିଜି ଉତ୍ପାଦଗୁଡ଼ିକ ପାଇଁ ପ୍ରି-ବୁକିଂ ବୃଦ୍ଧି ପାଇଛି । ଚାହିଦାରେ ସୁଧାର ଦେଖିବାକୁ ମିଳିଲାଣି । ଅନେକ ଏଫ୍‌ଏମ୍‌ସିଜି କମ୍ପାନି ସେମାନଙ୍କ କ୍ଷମତା ବୃଦ୍ଧି ନେଇ ସମୀକ୍ଷା କରୁଛନ୍ତି। ଆଗକୁ ସେମାନେ ଆଖିଦୃଶିଆ ନିବେଶ ବି କରିପାରନ୍ତି । ବଜେଟ୍‌ରେ ଟିକସ ରିହାତି ସହ ଆରବିଆଇର ମୁଦ୍ରାନୀତି ପଦକ୍ଷେପ ଭାରତୀୟ ଅର୍ଥନୀତି ପାଇଁ ସକାରାତ୍ମକ ଫଳାଫଳ ଆଣିବ । ଚାହିଦାରେ ସୁଧାର ଆଣିବା ସହ ଏହା ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ଏ ଅବସରରେ ଅର୍ଥମନ୍ତ୍ରୀ ଆୟକରରେ ଦିଆଯାଇଥିବା ରିହାତି ସହ ସାଧାରଣ ବଜେଟ ୨୦୨୫-୨୬ର ପ୍ରମୁଖ ପ୍ରସ୍ତାବଗୁଡ଼ିକ ଉପରେ ବିବରଣୀ ପ୍ରଦାନ କରିଛନ୍ତି । ବୈଠକରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏବଂ ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରାଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଆରବିଆଇ ଗଭର୍ଣ୍ଣର ଶ୍ରୀ ମଲହୋତ୍ରା କହିଲେ, ଆମେ ଭାରତକୁ ଅଧିକ ନିବେଶକ ଅନୁକୂଳ ଏବଂ ବାଣିଜ୍ୟ ଅନୁକୂଳ କରିବାକୁ ଚାହୁଁ । ଶ୍ରୀ ମାଲ୍‌ହୋତ୍ରା ଆହୁରି କହିଲେ ଯେ, ଟ୍ରମ୍ପଙ୍କ ଆକ୍ରମଣାତ୍ମକ ବାଣିଜ୍ୟ ନୀତି ତଥା ବିଭିନ୍ନ ରାଷ୍ଟ୍ରଗୁଡ଼ିକ ଉପରେ ଟାରିଫ୍ କଟକଣା ଯୋଗୁ ବିଶ୍ୱ ଅର୍ଥନୀତିରେ ଅନିଶ୍ଚିତତାର ମାହୋଲ ଦେଖାଦେଇଛି। ଆଗାମୀ କିଛି ମାସରେ ସ୍ଥିତିରେ ସୁଧାର ଆସିବା ଆଶା ରହିଛି । ବ୍ୟାଙ୍କିଙ୍ଗ୍ ସିଷ୍ଟମ୍‌ର ଲିକ୍ୱିଡିଟି ଆବଶ୍ୟକତାକୁ ପୂରଣ କରିବା ଦିଗରେ ଭାରତର କେନ୍ଦ୍ରୀୟ ବ୍ୟାଙ୍କ ଯତ୍ନବାନ ରହିବ ବୋଲି ଆରବିଆଇ ଗଭର୍ଣ୍ଣର କହିଛନ୍ତି । ସେ କହିଛନ୍ତି ଯେ, ଟଙ୍କା ପାଇଁ ଆରବିଆଇ କୌଣସି ପ୍ରାଇସ୍ ବ୍ୟାଣ୍ଡ୍ ଟାର୍ଗେଟ୍ ରଖିନାହିଁ । ଅତିରିକ୍ତ ଅସ୍ଥିରତାକୁ ନିୟନ୍ତ୍ରଣ କରିବା ଉପରେ ଏହା ଗୁରୁତ୍ୱ ଦେଉଛି ।



# ଘର ମୁରବୀଙ୍କୁ ମାରି ପୋତିଦେଲେ ସ୍ତ୍ରୀ, ପୁଅ ଓ ଜ୍ୱାଇଁ

## ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟି ତଳୁ ବାହାରିଲା ଶବ



**ଭୁବନେଶ୍ୱର, ୦୯/୦୨ ନ୍ୟୁଜ ବ୍ୟୁରୋ**

ମୁନୁଗାପଦର ଗାଁରେ ଅଭାବନୀୟ ଘଟଣା । ଘର ମୁରବୀଙ୍କୁ ମାରି ପୋତିଦେଲେ ସ୍ତ୍ରୀ, ପୁଅ ଏବଂ ଜ୍ୱାଇଁ। ମୃତକ ମୁନୁଗାପଦର ଗାଁର ଯଦୁ ଦଳପତି ବୋଲି ଜଣାପଡିଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଜାରି ରଖିଛି । କଳାହାଣ୍ଡି ଜିଲ୍ଲା ଆମପାଣି ଥାନା ଡୁଡୁକାଠେଙ୍ଗା ପଞ୍ଚାୟତ ମୁନୁଗାପଦର ଗାଁରେ ଏଭଳି ଘଟଣା ଘଟିଥିବାର ସୂଚନା ମିଳିଛି । ସୂଚନା ମୁତାବକ, ମୁନୁଗାପଦର ଗାଁର ଯଦୁ ଦଳପତିଙ୍କୁ ତାଙ୍କ ସ୍ତ୍ରୀ ରୁକ୍ମଣୀ ଦଳପତି, ଦୁଇ ପୁଅ ଧନେଶ୍ୱର ଦଳପତି ଓ ଫକୀର ଦଳପତି, ଜ୍ୱାଇଁ କ୍ଷୀରସିନ୍ଧୁ ନାଗ ହତ୍ୟା କରି ଘର ବାରିରେ ପୋତି ଦେଇଥିଲେ । ଏ ସଂପର୍କରେ ସୂଚନା ପାଇ ଆମପାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ତେବେ ଯଦୁ ଦଳପତିଙ୍କ ମୃତ୍ୟୁର ସଠିକ କାରଣ ଜଣାପଡିନଥିବା ବେଳେ ସ୍ତ୍ରୀ ରୁକ୍ମଣୀ ଦଳପତି, ସାନ ପୁଅ ଫକୀର ଦଳପତି ଓ ଜ୍ୱାଇଁ କ୍ଷୀରସିନ୍ଧୁ ନାଗଙ୍କୁ ଥାନାକୁ ଆଣି ଅଟକ ରଖିଛି ପୋଲିସ। ହତ୍ୟା ସଂପର୍କରେ ଅଧିକ ତଥ୍ୟ ଲାଗି ପୋଲିସ ସମସ୍ତଙ୍କୁ ଜେରା କରୁଛି ।





ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ତୀବ୍ର ବେଗରେ ମାଡ଼ି ଆସୁଛି ସମୁଦ୍ର



ରଷିକୁଲ୍ୟାର ୧୦ କିମି ଭିତରକୁ ପଶୁଛି ଜୁଆର ପାଣି

**ଛତ୍ରପୁର,୦୯/୦୨ ନ୍ୟୁଜ ବ୍ୟୁରୋ**

ଅଶାନ୍ତ ବଙ୍ଗୋପସାଗର କୂଳ ଲଂଘି ମାଡ଼ି ଆସୁଛି । ରଷିକୁଲ୍ୟା ଭିତରକୁ ତୀବ୍ର ବେଗରେ ଅବାଧରେ ପଶି ଆସୁଛି । ପ୍ରାୟ ୧୦ କିଲୋମିଟର ଭିତରକୁ ଏହି ଲୁଣି ପାଣି ପଶିବା ପରେ ଫେରିବାକୁ ବାଟ ପାଉନି। ମୁହାଣରେ ଏହି ଭଟ୍ଟାପାଣିକୁ ରୋକୁଛି ବାଲିହୁଙ୍କା । ଲୁଣିପାଣି ସମୁଦ୍ରକୁ ଫେରି ନ ପାରି ନଦୀପାଣିରେ ଲହଡ଼ି ଖେଳୁଛି, ମଧୁର ପାଣିକୁ ଲବଣାକ୍ତ କରୁଛି। ଏହି ଲୁଣିପାଣି ଜଳସେଚନ ଓ ପିଇବା ପାଣି ଯୋଗାଣ ପାଇଁ ଅନୁପଯୋଗୀ ହେଉଛି । ଲୁଣିପାଣି ନ ଖସିଲା ଯାଏ ବାଧାପ୍ରାପ୍ତ ହେଉଛି ଜଳସେଚନ ଓ ପିଇବା ପାଣି ଯୋଗାଣ । ସମୁଦ୍ର ଜୁଆର ଯୋଗୁଁ ଗଞ୍ଜାମ ମୁହାଣରୁ କଂସାରୀଗଣ୍ଡ ପର୍ଯ୍ୟନ୍ତ ୧୦ କିମି ରଷିକୁଲ୍ୟା ନଦୀପାଣି ଲବଣାକ୍ତ ହେଉଛି। କିଛି ମାସ ହେଲା ଏଭଳି ସମସ୍ୟା ଦେଖାଦେଉଛି । ବିଶେଷକରି ଅମାବାସ୍ୟା, ପୂର୍ଣ୍ଣିମା ସମେତ ସମୁଦ୍ର ଅଶାନ୍ତ ହେଲେ ଏଭଳି ସମସ୍ୟା ଉପୁଜୁଛି । ଏହି କାରଣରୁ ମାସକରେ ୩/୪ ଥର ନଦୀପାଣି ଲୁଣିଆ ହୋଇଯାଉଛି । ଏଥିଯୋଗୁଁ ଗଞ୍ଜାମ ଏନ୍‌ଏସି, ଗଞ୍ଜାମ ବ୍ଲକ୍‌ର କାଇଁଚପୁର, ମଲାଡ ଓ କରପଡ଼ା ପଞ୍ଚାୟତ ସମେତ ଛତ୍ରପୁର ବ୍ଲକ୍‌ର ପୋଟଲାମପୁର ପଞ୍ଚାୟତକୁ ଜଳଯୋଗାଣ ଓ ଜଳସେଚନ ଗୁରୁତର ପ୍ରଭାବିତ ହେଉଛି । ଲୋକେ ପାଇପ୍ ଯୋଗେ ଲୁଣିଆ ପାଣି ପାଇବା ପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରୁଛନ୍ତି । ଜଳଯୋଗାଣ ସାମୟିକ ବନ୍ଦ କରାଯାଉଛି । ଦିନେ, ଦୁଇ ଦିନ ପରେ ସ୍ଥିତି ସ୍ୱାଭାବିକ ହେଲେ ପୁଣି ଆରମ୍ଭ ହେଉଛି ଜଳଯୋଗାଣ । କେବଳ ସେତିକି ନୁହେଁ, ଉକ୍ତ ୧୦ କିଲୋମିଟର ଲମ୍ବ ପର୍ଯ୍ୟନ୍ତ ନଦୀଶଯ୍ୟାର ଦୁଇ ପାର୍ଶ୍ୱରେ ଜଳସେଚନ ହୋଇପାରୁନି । ଲୁଣିପାଣି ଜମିରେ ମାଡ଼ି ଫସଲ ପାଇଁ ସମସ୍ୟା ହେଉଛି । ପ୍ରାୟ ୨୦ରୁ ଅଧିକ ଗାଁର ଚାଷୀ ଜଳସେଚନ ପାଇଁ ନିରାଶ ହେଉଛନ୍ତି । ଏହାବାଦ୍ ଗଞ୍ଜାମ ବ୍ଲକ୍ ସହ ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ବ୍ଲକ୍‌କୁ ମେଗା ପାନୀୟ ଜଳ ପ୍ରକଳ୍ପରୁ ପାଣି ଯୋଗାଣ ହୋଇପାରୁନି । ଅଭିଯୋଗ ସତ୍ତ୍ୱେ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଇ ନାହିଁ । ଲୋକଙ୍କ ଜୀବନ ଜୀବିକା ସଂକଟରେ ପଡୁଛି । ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ତଥା ହୁମ୍ମା ଜଳସେଚନ ଉପଖଣ୍ଡ ସହକାରୀ ଯନ୍ତ୍ରୀ ଅତିରିକ୍ତ ଦାୟିତ୍ୱରେ ଥିବା ଅଜିତ କୁମାର ପ୍ରଧାନ କହିଛନ୍ତି, ଜୁଆର ତୀବ୍ର ବେଗରେ ନଦୀ ଭିତରକୁ ମାଡ଼ି ଆସୁଛି । ଲୁଣି ପାଣି ଫେରିବା ବେଳକୁ ମୁହାଣ ନିକଟରେ ଜମା ହୋଇଥିବା ବାଲିହୁଙ୍କା ପାଣି ବେଗକୁ ପ୍ରଭାବିତ କରୁଛି। ଜୁଆର ପାଣି ନଦୀ ଶଯ୍ୟାରେ ଅପେକ୍ଷାକୃତ ଅଧିକ ସମୟ ରହୁଛି । ଏହି କାରଣରୁ ଜଳଯୋଗାଣ ଓ ଜଳସେଚନ ବେଳେ ଲୁଣିଆ ପାଣି ପାଇପ୍ ବା କେନାଲ୍ ଯୋଗେ ଯାଉଛି । ବର୍ତ୍ତମାନ ଛତ୍ରପୁର ଓ ରଙ୍ଗେଇଲୁଣ୍ଡା ବ୍ଲକ୍ ପାଇଁ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଇନ୍‌ଟେକ୍ ୱେଲ୍ ରଷିକୁଲ୍ୟା ନଦୀ ଶଯ୍ୟାରେ କଂସାରୀଗଣ୍ଡ ବ୍ୟାରେଜ୍ ନିକଟରେ ନିର୍ମାଣ ହେଉଛି । ସ୍ଥିତି ଏମିତି ହେଲାଣି ଯେ, ଖରାଦିନେ ଜୁଆର ପାଣି ଇନ୍‌ଟେକ୍ ୱେଲ୍ ଭିତରକୁ ଯିବା ଆଶଙ୍କା କରାଯାଉଛି । ବିଶେଷଜ୍ଞଙ୍କ କହିବା ମୁତାବକ ମୁହାଣର ଉପର ମୁଣ୍ଡରେ କଂସାରୀଗଣ୍ଡ ନିକଟରେ ବ୍ୟାରେଜ୍ ହେଉଛି । ଯଦି ତଳ ମୁଣ୍ଡରେ ଜୁଆର ପାଣି ରୋକିବା ପାଇଁ ନଦୀ ମଧ୍ୟରେ କିଛି କଂକ୍ରିଟ୍ କାମ କରାଯାଏ ତେବେ ଉପରମୁଣ୍ଡରେ ବନ୍ୟା ହେବା ଆଶଙ୍କା ବୃଦ୍ଧି ପାଇବ । ଯଦି ଇନ୍‌ଟେକ୍ ୱେଲ୍ ନିର୍ମାଣାଧୀନ ବ୍ୟାରେଜ୍‌ର ଉପରମୁଣ୍ଡରେ କରାଯାଇଥାନ୍ତା ତେବେ କୂଅ ଭିତରେ ଜୁଆର ପାଣି ପଶିବା ଭଳି ସ୍ଥିତି ସୃଷ୍ଟି ହୋଇନଥାନ୍ତା ବୋଲି କହିଛନ୍ତି ଯନ୍ତ୍ରୀ ଶ୍ରୀ ପ୍ରଧାନ । ଏହି ସମସ୍ୟା ନେଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଜଳସେଚନ ବିଭାଗ ଏବଂ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀମାନଙ୍କୁ ଅବଗତ କରାଇଥିବା କହିଛନ୍ତି । ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ମଧ୍ୟ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ସମସ୍ୟା ନେଇ ଜଣାଇଛନ୍ତି । ନଦୀରୁ ପ୍ରଚୁର ପରିମାଣରେ ବାଲି ଉତ୍ତୋଳନ କାରଣରୁ ନଦୀ ଶଯ୍ୟା ନୀଚ୍ଚା ହୋଇ ମୁହାଣରୁ ଜୁଆର ବା ଲୁଣିଆ ପାଣି ତଳ ଆଡ଼କୁ ମାଡ଼ି ଆସୁଛି ବୋଲି ସେ ଦର୍ଶାଇଛନ୍ତି । ଏହି ସମସ୍ୟାର ତ୍ୱରିତ ସମାଧାନ ନ କଲେ ଭବିଷ୍ୟତ ପାଇଁ ଏକ ବଡ଼ଧରଣର ସମସ୍ୟା ମୁଣ୍ଡ ଟେକିବ ବୋଲି ଆଶଙ୍କା କରାଯାଉଛି । ଏହାର ଏକମାତ୍ର ସମାଧାନ ରଷିକୁଲ୍ୟା ମୁହାଣ ନିକଟରେ ଯେଉଁ ବାଲି ହୁଙ୍କା ହୋଇ ରହିଛି ତାହାକୁ ହଟାଯିବ ବା ଡ୍ରେଜିଂ କରାଯିବ। ଏଥିସହ ମୁହାଣ ନିକଟ ନଦୀ ଶଯ୍ୟାରୁ ଅତ୍ୟଧିକ ବାଲି ଖନନକୁ ରୋକିବାର ଆବଶ୍ୟକତା ରହିଛି । ଅପରପକ୍ଷରେ ବାଲି ହୁଙ୍କା ଥିବା ଅଞ୍ଚଳଟି ସିଆରଜେଡ୍ ଅନ୍ତର୍ଗତ ଥିବାରୁ ସେଠାରେ ଡ୍ରେଜିଂ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେବାକୁ ପଡ଼ିବ ବୋଲି କହିଛନ୍ତି ନିର୍ବାହୀ ଯନ୍ତ୍ରୀ । ଏ ସମ୍ପର୍କରେ ଜଳସେଚନ ବିଭାଗ ପକ୍ଷରୁ ଏଯାବତ୍ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇ ନାହିଁ। ଖୁବ୍‌ଶୀଘ୍ର ଜଣାଇ ଦିଆଯିବ ବୋଲି ସେ କହିଛନ୍ତି।